

Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR





# ଇରାନ-ୟୁଏସ୍ ଉତେଜନା ଆହୁରି ହେବ ସାଂଘାତିକ ?

## ପୁଟିନ ପଠାଇଲେ 'ପ୍ରଳୟକାରୀ' ଟିୟୁ-୨୧୪ପିୟୁ ବିମାନ

ନୂଆଦିଲ୍ଲୀ,୧୩/୭: ମିଡିଲ ଇଷ୍ଟରେ ଜାରି ଉତେଜନା ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରୁଷ୍ ବିଳମ୍ବରେ ଇରାନ ଯୁଦ୍ଧରେ ଏଣ୍ଟ୍ରି ମାରିଛି। ଇରାନ-ଆମେରିକାର ଉନେଜନା ମଧ୍ୟରେ ନିଜର ପ୍ରଳୟକାରୀ ବିମାନକୁ ତେହେରାନ ପଠାଇ ଦେଇଛି। ରୁଷ୍ ଇରାନକୁ ନିଜର ସବୁଠୁ ସୁରକ୍ଷିତ ଏୟାରବୋର୍ନ କମାଣ୍ଡ ଏୟାରକ୍ରାଫ୍ଟ ପଠାଇ ଦେଇଛି। ଫ୍ଲାଇଟ୍ ଟ୍ରାକିଂ ଡାଟା ମୁତାବିକ, ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିର୍ଦ୍ଦେଶରେ ଏଲିଟ୍ ଟିୟୁ-୨୧୪ପିୟୁ ବିମାନ ତେହେରାନରେ ପହଂଚିଛି। ରିପୋର୍ଟ ମୁତାବିକ,ଟୁପୋଲେଭ ଡିଜାଇନ ବ୍ୟୁରୋର ଏହି ସ୍ୱତନ୍ତ୍ର ଭେରିଆଂଟ ସାମାନ୍ୟ ଯାତ୍ରୀ ବିମାନ ଟ୍ଟଙ୍କ-୨୧୪ର ସଂଶୋଧିତ ରୂପ, ଯାହା ରୁଷ୍ ପାଇଁ ଉଡ଼ନ୍ତା କମାଣ୍ଡ ପୋଷ୍ଟର କାମ କରିଥାଏ, ମସ୍କୋ-ତେହେରାନ ମଧ୍ୟରେ ଏହି ମୁତୟନକୁ କ୍ରେମଲିନ ଦ୍ୱାରା ଇରାନକୁ ମଜବୁତ ସମର୍ଥନର ସଙ୍କେତ ଭାବେ ମନେକରାଯାଇଛି। ଟିୟୁ-୨୧୪ପିୟୁ ରୁଷର ରାଷ୍ଟ୍ରପତି କାର୍ଯ୍ୟାଳୟ କ୍ରେମଲିନ ପାଇଁ ଉଡ଼ନ୍ତା ମୋବାଇଲ କମାଣ୍ଡ ପୋଷ୍ଟ। ଏଥିରେ ଅତ୍ୟାଧୁନିକ ସୁରକ୍ଷିତ ସଚାଂର ପ୍ରଣାଳୀ , ଏନକ୍ରିପ୍ଟେଡ୍ ଲିଙ୍କ୍, ସାଟେଲାଇଟ୍ କମ୍ୟୁନିକେସନ ଓ ପରମାଣୁ ଆକ୍ରମଣ କମ୍ବା ବଡ଼ ଯୁଦ୍ଧରେ ମଧ୍ୟ କାମ କରୁଥିବା ରିଡଣ୍ଡେଂଟ ସିଷ୍ଟମ ଲାଗିଛି। ବିମାନକୁ କୌଣସି ବି ପାଣିପାଗ , ଇଲେକ୍ଟ୍ରନିକ୍ ଜମି ଓ ଖୁବ୍ ବିପଦପୂର୍ଣ୍ଣ ମାହୋଲରେ ପରିଚାଳନା କରିବା ପାଇଁ ଡିଜାଇନ କରାଯାଇଛି। ଏଥିରେ ଦୁଇଟି ଶକ୍ତିଶାଳୀ ଏଭିଆଡଭିଗେଟଲ ପିଏସ-୯୦ଏ ଟର୍ବୋଫେନ ଇଞ୍ଜିନ ଲାଗିଛି , ଯାହା ୮୫୦ କିଲୋମିଟର ପ୍ରତିଘଟାଂର ସର୍ବାଧିକ ଗତି ଓ ୬,୫୦୦ରୁ ୭୦୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେଇଥାଏ। ବିମାନକୁ ରୋସିଆ ସ୍ପେଶାଲ ଫ୍ଲାଇଟ୍ ସ୍କ୍ୱାଡ୍ରନ ସଚାଂଳିତ କରିଥାଏ, ଯାହାର କାମ ବଡ଼ ଜାତୀୟ



ଜରୁରୀକାଳୀନ ସ୍ଥିତିରେ ରୁଷର ଶୀର୍ଷ ରାଜନୀତିକ ଓ ସାମରିକ ନେତାଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା। ଏହି ବିମାନ ୧୯୮୯ରେ ପ୍ରଥମ ଥର ଉଡ଼ାଣ ଭରି ଥିଲା ଏବଂ ୧୯୯୦ ଦଶକରେ ବ୍ୟବସାୟିକ ସେବାରେ ସାମିଲ ହୋଇଥିଲା। ପରେ ଏହାକୁ ବିଶେଷ ରୂପେ ରାଷ୍ଟ୍ରପତି ଓ ଉଚ୍ଚ କମାଣ୍ଡ ପାଇଁ ଅପଗ୍ରେଡ୍ କରାଯାଇ ଥିଲା। ଉଲ୍ଲେଖନୀୟ ଯେ, ରୁଷ୍ ଓ ଇରାନ ମଧ୍ୟରେ ଗତ ଅନେକ ବର୍ଷ ହେବ ସେନା , ଟେକନିକ୍ ଓ ଗୁଇନ୍ଦା ସହଯୋଗ ବୃଦ୍ଧି ପାଇଛି। ଦୁଇ ଦେଶ ୟୁକ୍ରେନ ଯୁଦ୍ଧ ସିରିଆ ସଙ୍କଟ ଓ ଏବେ ପଶ୍ଚିମ ଏସିଆରେ ପରସ୍ପରର ନିକଟତର ସହଯୋଗୀ ହୋଇଛନ୍ତି। ଟ୍ଟଙ୍କ-୨୧୪ଚଟର ମୁତୟନକୁ ବିଶେଷ ରୂପେ ଇରାନ ମଧ୍ୟରେ ଉଚ୍ଚ-ସ୍ତରୀୟ ସିଧାସଳଖ କଥାବାର୍ତ୍ତା , ରିୟଲ-ଟାଇମ୍ ଇଂଟେଲିଜେନ୍ସ ସେୟାରିଂ ଓ ମିଳିତ ଏମର୍ଜେନ୍ସି ପ୍ଲାନିଂର ପାର୍ଟନର ମନେକରୁଛନ୍ତି। ସୂଚନା ଅନୁସାରେ , ଏହି ବିମାନ ଇରାନୀ ହାଇ କମାଣ୍ଡକୁ ଆମେରିକୀୟ ଆକ୍ରମଣ ବେଳେ ସୁରକ୍ଷିତ କମାଣ୍ଡ ଓ କଣ୍ଟ୍ରୋଲ ପ୍ରଦାନ କରିପାରେ। ଏହାସହ , ଏହା ମସ୍କୋର ସ୍ପଷ୍ଟ ମେସେଜ୍ ଯେ, ସେ ତେହରାନକୁ ଏକୁଟିଆ ଛାଡ଼ିବ ନାହିଁ ଏବଂ ପ୍ରତି ପଦକ୍ଷେପରେ ତା ସାଥିରେ ଠିଆ ହୋଇଛି। ଏଥିରେ ଦୁଇଟି ଶକ୍ତିଶାଳୀ ଏଭିଆଡଭିଗେଟଲ ପିଏସ-୯୦ଏ ଟର୍ବୋଫେନ ଇଞ୍ଜିନ ଲାଗିଛି , ଯାହା ୮୫୦ କିଲୋମିଟର ପ୍ରତିଘଟାଂର ସର୍ବାଧିକ ଗତି ଓ ୬,୫୦୦ରୁ ୭୦୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେଇଥାଏ।

# ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ କ୍ରାଇମବ୍ରାଂଚର ଖୋଳତାଡ଼

## ତଦନ୍ତ କରୁଛି ୫ଜଣିଆ ଟିମ୍

ଭୁବନେଶ୍ୱର,୧୩/୭ (ନି/ପ୍ର): ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଆଜିଠୁ କ୍ରାଇମବ୍ରାଂଚ ଖୋଳତାଡ଼। ତଦନ୍ତ କରୁଛି ୫ଜଣିଆ ଟିମ୍ । ସମଗ୍ର ଘଟଣାର ପର୍ଦ୍ଦାଫାଶ ପାଇଁ ଜଣେ ଏସପିଙ୍କ ନେତୃତ୍ୱରେ ଜଣେ ଡିଏସପି ଓ ୩ ଜଣ ଅଫିସରଙ୍କୁ ନେଇ ଏକ ୫ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଗଠିତ କମିଟିର ରିପୋର୍ଟ ହସ୍ତାନ୍ତର ହେବା ପରେ କ୍ରାଇମବ୍ରାଂଚ ଏହି ଷଡ଼ଯନ୍ତ୍ର ପଛରେ ଥିବା ବ୍ୟକ୍ତିମାନଙ୍କର ତାଲିକା ପ୍ରସ୍ତୁତ କରୁଛି। ସେପଟେ ଏନେଇ ଗଣଶିକ୍ଷା ବିଭାଗର ରୁଦ୍ଧଦ୍ୱାର ବୈଠକ ହୋଇଛି। ଲୋକସେବା ଭବନରେ ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ବୈଠକ କରିଛନ୍ତି। ୨୦୨୬-୨୭ ଶିକ୍ଷାବର୍ଷରେ ମାଗଣା ପାଠ୍ୟପୁସ୍ତକ ପ୍ରସ୍ତୁତିରେ ହୋଇଥିବା ୩୦୦ କୋଟିରୁ ଅଧିକ ଟଙ୍କାର ବ୍ୟୟ ଏବଂ ଆଉଟ୍ ସୋର୍ସିଂ ସଂସ୍ଥାଗୁଡ଼ିକୁ ଦିଆଯାଇଥିବା ଅର୍ଥର ଟିକିନିଖି ଯାଚଂ ହେବ। ଡିଟିପି ଓ ଡିଜାଇନିଂ ଟେଣ୍ଡର ପ୍ରକ୍ରିୟାର ଡକୁମେଂଟସ୍ ଯାଚଂ କରାଯିବ। ଗଣଶିକ୍ଷା ବଦଳରେ ଉଚ୍ଚଶିକ୍ଷା ବିଭାଗ ଅଧୀନ ସଂସ୍ଥାକୁ କାହିଁକି ଦାୟିତ୍ୱ ଦିଆଗଲା, ତାହା ତଦନ୍ତ ପରିସରକୁ ଆସିବ। ସମସ୍ତ ଆର୍ଥିକ କାରବାର କରିଥିବା ଓସେପା ମଧ୍ୟ ତଦନ୍ତ ପରିସରଭୁକ୍ତ ହେବ। ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥିବା ୫ଉରଜଞ୍ଜ ଉପରେ ଫୋକସ୍ ରହିବ। ରାଜ୍ୟ ଷ୍ଟିୟରିଂ କମିଟି, କୋର କମିଟି, ସମ୍ପାଦନା ଓ ସମୀକ୍ଷକ ମଣ୍ଡଳୀ ଜେରାର ସମ୍ମୁଖୀନ ହେବେ। ଏନସିଇଆରଟି ବହିର ଛବି କିଭଳି ଓଡ଼ିଆ ପୁସ୍ତକରେ ରହିଗଲା, ତାହାର ବିଶେଷ ଅନୁଧ୍ୟାନ କରାଯିବ। ସୂଚନା ଥାଉକି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୧ ତାରିଖରେ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଂଚ ଏସ୍.ପି.ଙ୍କ ନିକଟରେ ରଓଜ ଦାୟର କରିବାକୁ ୫ଉରଜଞ୍ଜ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଅନୁଯାୟୀ ୫ଉରଜଞ୍ଜର ପୂର୍ବତନ ନିର୍ଦ୍ଦେଶକ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏନସିଇଆରଟି ବହିର ଛବି କିଭଳି ଓଡ଼ିଆ ପୁସ୍ତକରେ ରହିଗଲା, ତାହାର ବିଶେଷ ଅନୁଧ୍ୟାନ କରାଯିବ।

# ସାମରିକ ପ୍ରତିଦ୍ୱନ୍ଦ୍ୱିତାରେ ଚକିତ କରୁଛି ଚୀନ୍ :



## ଆମେରିକୀୟ ଯୁଦ୍ଧଜାହାଜର ନକଲ ବନାଇ ଯୁଦ୍ଧାଭ୍ୟାସ

ବେଜିଂ,୧୩/୭: ଚୀନ୍ ଏବଂ ଆମେରିକା ମଧ୍ୟରେ ସାମରିକ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି । ଏହା ଭିତରେ ଚୀନ୍ ପାଦେ ଆଗକୁ ଯାଇ ଆମେରିକାକୁ ଟକ୍କର ଦେବା ଲକ୍ଷ୍ୟରେ ଚକିତ କଲା ଭଳି ପଦକ୍ଷେପ ନେଇଛି । କ୍ଷେପଣାସ୍ତ୍ର ଟାର୍ଗେଟ ଅଭ୍ୟାସ ପାଇଁ ଚୀନ୍ ଆମେରିକୀୟ ଯୁଦ୍ଧ ଜାହାଜର ସମ୍ପୂର୍ଣ୍ଣ ତଥା ଅବିକଳ ନକଲ ଯୁଦ୍ଧପୋତ ବନାଇଛି । ନୂଆ ସାଟେଲାଇଟ ଚିତ୍ରରୁ ଜଣାପଡ଼ିଛି, ଚୀନ୍ ସିନ୍ଜିଆଂଗର ଏକ ଦୁର୍ଗମ ମରୁଭୂମିରେ ଥିବା ରୁଓକିଆଂଗ୍ ଟେଷ୍ଟ ରେଞ୍ଜରେ ଆମେରିକାର 'ଅର୍ଲେ ବର୍କ-କ୍ଲାସ୍' ଡେଷ୍ଟ୍ରୟରର ଏକ ପ୍ରତିକୃତି ନିର୍ମାଣ କରିଛି । ରିପୋର୍ଟ ଅନୁସାରେ, ଆମେରିକାର କେତେକ ସମ୍ଭାବ୍ୟ ଯୁଦ୍ଧଜାହାଜର ନକଲ ବନାଇ ତାହାକୁ ସଫଳତାର ସହ ଟାର୍ଗେଟ କରିବା ଲାଗି ଚୀନ୍ ପରୀକ୍ଷଣ ଚଲାଇଛି । ଚୀନ୍ ଏହି ନକଲି ଆମେରିକୀୟ ଯୁଦ୍ଧଜାହାଜର ବ୍ୟବହାର ନିଜ ଆଂଟି-ଶିପ୍ ବାଲିଷ୍ଟିକ ମିସାଇଲକୁ ଟାର୍ଗେଟ କରି ନିଜ ସାମରିକ କ୍ଷମତା ପରଖିବ । ଏଥିପାଇଁ ଚୀନ୍ ଏହାର ସୈନ୍ୟଙ୍କୁ ସ୍ୱତନ୍ତ୍ର ତାଲିମ ଦେଉଛି । ଏହି ଚିତ୍ରରୁ ୬ ମିଟର ଚଉଡ଼ାର ଏକ ରେଳ ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିଛି, ଯେଉଁଠି ଜାହାଜ ଆକାରର ଏକ ଟାର୍ଗେଟ ବା ଲକ୍ଷ୍ୟସ୍ଥଳ ବନାଯାଇଛି । ଏହା ଏକ ଚାଲୁଥିବା ସାମୁଦ୍ରିକ ଜାହାଜ ଭଳି କାର୍ଯ୍ୟ କରିପାରେ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି । ୟୁଏସ୍ ନାଭାଲ ଇନ୍ଷ୍ଟିଚ୍ୟୁଟ ଅନୁସାରେ, ଏହି କମ୍ପ୍ଲେକ୍ସକୁ ବାଲିଷ୍ଟିକ ମିସାଇଲ ପରୀକ୍ଷଣ ପାଇଁ ବ୍ୟବହାର କରାଯାଉଛି । ଏହି ରେଳ ସିଷ୍ଟମ ଉପରେ ଜାହାଜ ଆକାରର ଏକ ଢାଚାଂ କରାଯାଇଛି । ଏହାର ଅର୍ଥ ଚୀନ୍ ଦୀର୍ଘ ଯୋଜନା କରି ନିଜ ମିସାଇଲ ଟେକ୍ନୋଲୋଜି ଜରିଆରେ ଚଳନ୍ତା ଆମେରିକୀୟ ଜାହାଜକୁ ବି ସଫଳ ଟାର୍ଗେଟ କରିବାକୁ ଅଭ୍ୟାସ ଚଲାଇଛି । ଏହାଦ୍ୱାରା ଚୀନ୍ ନିଜର ଜାହାଜ ବିରୋଧୀ କ୍ଷେପଣାସ୍ତ୍ର କ୍ଷମତାକୁ ମଜଭୁତ କରୁଛି । ଅର୍ଲେ ବର୍କ-କ୍ଲାସ୍ ଗାଇଡେଡ୍ ମିସାଇଲ ଡେଷ୍ଟ୍ରୟର ହେଉଛି ଆମେରିକା ନୌସେନାର ଏକ ପ୍ରମୁଖ ହତିଆର । ଏହା ବିମାନବାହୀ ଜାହାଜ ପାଇଁ ଏସକର୍ଟ ଭାବେ କାମ କରେ ଏବଂ ବାୟୁ ପ୍ରତିରକ୍ଷା ପ୍ଲାଟଫର୍ମ ଭାବେ ମଧ୍ୟ ବ୍ୟବହାର ହୋଇଥାଏ । ଆମେରିକାର ୭ମ ଫ୍ଲିଟ୍ ଅଧୀନରେ ଜାପାନରେ ଥିବା ଡେଷ୍ଟ୍ରୟର ସ୍କ୍ୱାଡ୍ରନ୍ ୧୫ରେ ଏଭଳି ୧୦ଟି ଡେଷ୍ଟ୍ରୟର ରହିଛି । ଯଦି ଚୀନ୍ ଏପରି ପରୀକ୍ଷଣରେ ସଫଳତା ପାଏ ତେବେ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଥିବା ଆମେରିକୀୟ ଜାହାଜ ଅଧିକ ବିପଦର ସମ୍ମୁଖୀନ ହୋଇପାରନ୍ତି ।

# ବ୍ୟାଙ୍କକ୍‌ର ପବ୍‌ରେ ଭୟାବହ ଅଗ୍ନିକାଣ୍ଡ :

## ୨୭ ମୃତ, ୬୦ରୁ ଅଧିକ ଆହତ



ବ୍ୟାଙ୍କକ୍,୧୩/୭: ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଏକ ପବ୍‌ରେ ସୋମବାର ଭୋର ସକାଳୁ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅତି କମରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬୦ରୁ ଅଧିକ ଆହତ ହୋଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ୨୨ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଘଟଣାସ୍ଥଳର ପ୍ରତ୍ୟକ୍ଷଦର୍ଶୀମାନେ ଅନଲାଇନରେ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ପବ୍‌ର ଦ୍ୱାରରୁ ନିଆଁ ଏବଂ ଧୂଆଁ ବାହାରୁଥିବାର ଦେଖାଯାଉଛି ଏବଂ ଲୋକମାନେ ଖସି ପଳାଇବାକୁ ଚେଷ୍ଟା କରୁଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ସେମାନେ ମଧ୍ୟରାତ୍ରିରେ ଉତ୍ତର ବ୍ୟାଙ୍କକ୍‌ର ନା ଲାଓ୍ବାଓ ପବ୍‌ରେ ଅଗ୍ନିକାଣ୍ଡ ଘଟିଥିବା ରିପୋର୍ଟ ପାଇଛନ୍ତି। ପରେ ଘଟଣାସ୍ଥଳରେ ପହଚିଂଥିବା ଥାଇ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ଣ୍ଣଭିରାକୁଲ୍ କହିଛନ୍ତି ଯେ ୨୭ ଜଣଙ୍କର ମୃତ୍ୟୁ ହୋଇଛି। ଅଗ୍ନିକାଣ୍ଡର କାରଣ ତଦନ୍ତ କରାଯାଉଛି। ଥାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପବ୍‌ରେ ପରିବେଷଣ କରୁଥିବା ଜଣେ ସଂଗୀତଜ୍ଞ ତାଙ୍କୁ କହିଥିଲେ ଯେ ସେ ବିଦ୍ୟୁତ୍ ବନ୍ଦ ହେବା ପୂର୍ବରୁ ଷ୍ଟେଜ୍ ପାଖରେ ଥିବା ଏକ ସର୍କିଟ୍ ବ୍ରେକରରୁ ଧୂଆଁ ବାହାରୁଥିବା ଦେଖିଛନ୍ତି। ଏକ ଜୋରଦାର ବିସ୍ଫୋରଣ ଶୁଣାଗଲା ଏବଂ ସମଗ୍ର ଅଚଂଳ ଶୀଘ୍ର ଘନ ଧୂଆଁରେ ପୂର୍ଣ୍ଣ ହୋଇଗଲା। ପବ୍‌ର ପଛପଟେ ଥିବା ଶୌଚାଳୟରେ ଅନେକ ପୀଡିତଙ୍କୁ ଦେଖିବାକୁ ମିଳିଥିଲା। ବ୍ୟାଙ୍କକ୍ ଗଭର୍ଣ୍ଣର ଚାଡଚାର୍ଟ ସିଟିପୁଟଂ କହିଛନ୍ତି ୬୩ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ଅନେକଙ୍କ ପରିଚୟ ପତ୍ର ନଥିଲା କିମ୍ବା ସେମାନେ ଅଚେତ ଥିଲେ। ତେଣୁ କର୍ତ୍ତୃପକ୍ଷଙ୍କୁ ପୀଡିତମାନଙ୍କୁ ଚିହ୍ନଟ କରିବାରେ ଅସୁବିଧା ହେଉଥିଲା। ଘଟଣାସ୍ଥଳକୁ ସେମାନଙ୍କ ପ୍ରିୟଜନଙ୍କ ବିଷୟରେ ପଚାରିବା ପାଇଁ ଆସୁଥିବା ଲୋକଙ୍କଠାରୁ ସୂଚନା ସଂଗ୍ରହ କରିବା ପାଇଁ ଘଟଣାସ୍ଥଳରେ ଏକ ପଞ୍ଜୀକରଣ ଡେସ୍କ ସ୍ଥାପନ କରାଯାଇଥିଲା। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ନିଆଁ କିଛି ମିନିଟ୍ ମଧ୍ୟରେ ପବ୍‌କୁ ଗ୍ରାସ କରିଥିଲା। କିଛି ଲୋକ ନିଜ ଜୀବନ ବଚାଂଇବା ପାଇଁ ଶୌଚାଳୟରେ ଲୁଚି ରହିଥିଲେ। ଉଦ୍ଧାରକାରୀ ଦଳ ଶୌଚାଳୟରେ ଅନେକ ମୃତଦେହ ଉଦ୍ଧାର କରିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଅଗ୍ନିଶମ କର୍ମଚାରୀମାନେ ପ୍ରାୟ ଅଧ ଘଟାଂ ମଧ୍ୟରେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ଘଟଣା ପରେ ପ୍ରକାଶିତ ଫଟୋଗୁଡ଼ିକ ପବ୍‌ର ଭିତର ଅଂଶକୁ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଥିଲା।

# ଆମେରିକାର ବଡ଼ଧରଣର ଆକ୍ରମଣ :



## ଇରାନର ୧୪୦ ସାମରିକ ଘାଟି ଧ୍ୱଂସ, ପଶ୍ଚିମ ଏସିଆରେ ଯୁଦ୍ଧ ସଂକଟ ଚରମରେ

ତେହେରାନ,୧୩/୭: ଆଜି ସକାଳେ ଇରାନ ଉପରେ ସବୁଠାରୁ ବଡ଼ଧରଣର ସାମରିକ ଆକ୍ରମଣ କରିଛି ଆମେରିକା। ଇରାନର ପ୍ରାୟ ୧୪୦ଟି ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ୍ କରି ଭୀଷଣ ଏୟାରଷ୍ଟ୍ରାଇକ୍ କରାଯିବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହର୍ମୁଜ ପ୍ରଣାଳୀରେ ସାଇପ୍ରସ୍‌ର ଏକ ପତାକାଧାରୀ ବାଣିଜ୍ୟିକ ଜାହାଜ ଉପରେ ଇରାନ ଆକ୍ରମଣ କରିବା ପରେ ଆମେରିକା ଏହି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମେରିକାର ଆକ୍ରମଣ ପରେ ଇରାନ ମଧ୍ୟ ପାଲଟା ଜବାବ ଦେଇ ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ଘନଘନ ମିସାଇଲ୍ ଓ ଡ୍ରୋନ୍ ମାଡ଼ କରିବାରୁ ସମଗ୍ର ଅଚଂଳରେ ଯୁଦ୍ଧ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଆମେରିକା ସାମରିକ ବାହିନୀର ସେଣ୍ଟ୍ରାଂଲ୍ କମାଣ୍ଡ (ସେଂଟକମ୍) ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଏହି ଅଭିଯାନରେ ଇରାନର ୧୪୦ଟି ସାମରିକ ଘାଟିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରାଯାଇଛି।

ଏଥିମଧ୍ୟରେ ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଲଚଂ ସାଇଟ୍, ଗୋଳାବାରୁଦ ଗୋଦାମ, ଯୋଗାଯୋଗ କେନ୍ଦ୍ର ଏବଂ ଅନ୍ୟାନ୍ୟ ସାମରିକ ପ୍ରତିଷ୍ଠାନ ରହିଛି। ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ସୋସିଆଲ୍ ମିଡିଆରେ ଇରାନକୁ ଚେତାବନୀ ଦେଇ ଲେଖିଛନ୍ତି, 'ଇରାନ ଏକ ଭୁଲ ନିଷ୍ପତି ନେଇଥିଲା, ଏବେ ଏହାର ପରିଣାମ ଭୋଗୁଛି'। ବିଶେଷ କରି ଇରାନର ଉପକୂଳବର୍ତୀ ବନ୍ଦର ସହର ଅବାସ, ସିରିକ ସମେତ ହର୍ମୁଜ ପ୍ରଣାଳୀ ଆଖପାଖ ଅଚଂଳକୁ ଆମେରିକା ଟାର୍ଗେଟ୍ କରିଛି। ଆମେରିକାର ଏହି ବଡ଼ଧରଣର ଆକ୍ରମଣ ପରେ ଇରାନ ପକ୍ଷରୁ ମଧ୍ୟ ଭୟଙ୍କର ପ୍ରତିଆକ୍ରମଣ କରାଯାଇଛି। ଇରାନ ସେନା ପକ୍ଷରୁ ବାହାରିନ, କତର, କୁଏତ, ଜୋର୍ଡାନ ଓ ଓମାନକୁ ଟାର୍ଗେଟ୍ କରି ବହୁ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରାଯାଇଛି। ଆକ୍ରମଣ ପରେ କତର ଓ ଓମାନରେ ଜରୁରିକାଳୀନ ସାଇରନ୍ ବାଜି ଉଠିଥିଲା। କତର ସାମରିକ ବାହିନୀ ପକ୍ଷରୁ କୁହାଯାଇଛି, ସେମାନେ ନିଜର ଏୟାର ଡିଫେନ୍ସ ଜରିଆରେ ଇରାନର ମିସାଇଲ୍‌କୁ ଆକାଶରେ ହିଁ ଅଟକାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ଆମେରିକା ନୌସେନାର ପଚଂମ ବାହିନୀର ମୁଖ୍ୟାଳୟ ଥିବା ବାହାରିନରେ ମଧ୍ୟ ହାଇ ଆଲର୍ଟ ଜାରି କରାଯାଇଛି। ଇରାନର ଆକ୍ରମଣରେ ଆମେରିକୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକର ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗତ ଫେବ୍ରୁଆରି ୨୮ ତାରିଖରୁ ଆରମ୍ଭ ହୋଇଥିବା ଆମେରିକା-ଇରାନ ଯୁଦ୍ଧକୁ ରୋକିବା ପାଇଁ ହେଉଥିବା ସମସ୍ତ ପ୍ରୟାସ ଏବେ ବିଫଳ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ମଧବର୍ନ୍ତୀକାଳୀନ ଶାନ୍ତି ଚୁକ୍ତିର ଅନ୍ତ ଘଟିଛି ବୋଲି ସୂଚନା ଦେବା ପରଠାରୁ ଆକ୍ରମଣ ଦିନକୁ ଦିନ ଜୋରଦାର ହେଉଛି। ଇରାନର ନୂତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତବା ଖେମିନି ମଧ୍ୟ ନିଜ ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସର୍ବସାଧାରଣରେ ଶପଥ ନେଇଛନ୍ତି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ଏକ ପଚଂମାଂଶ ତୈଳ ଓ ଗ୍ୟାସ୍ ପରିବହନ ହେଉଥିବାରୁ ଏହି ଯୁଦ୍ଧ ଯୋଗୁଁ ଆଗାମୀ ଦିନରେ ବିଶ୍ୱସ୍ତରୀୟ ଶକ୍ତି ସଙ୍କଟ ଏବଂ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ଆମେରିକାର ଏହି ବଡ଼ଧରଣର ଆକ୍ରମଣ ପରେ ଇରାନ ପକ୍ଷରୁ ମଧ୍ୟ ଭୟଙ୍କର ପ୍ରତିଆକ୍ରମଣ କରାଯାଇଛି। ଇରାନ ସେନା ପକ୍ଷରୁ ବାହାରିନ, କତର, କୁଏତ, ଜୋର୍ଡାନ ଓ ଓମାନକୁ ଟାର୍ଗେଟ୍ କରି ବହୁ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରାଯାଇଛି।

# ହର୍ମୁଜ୍ ପ୍ରଣାଳୀରେ ପୁଣି ଉତେଜନା :

## ଆମେରିକା-ଇରାନ ମୁହାଁମୁହିଁ ପରେ ତେଲ ଦର ୩% ରୁ ଅଧିକ ବୃଦ୍ଧି ପାଇଲା

ୱାଶିଂଟନ,୧୩/୭: ଆମେରିକାର ନୂଆ ଆକ୍ରମଣ ପରେ ଇରାନ ଉପସାଗରୀୟ ଦେଶଗୁଡ଼ିକ ଉପରେ ଜୋରଦାର ଆକ୍ରମଣ କରୁଛି। ଫଳରେ ହର୍ମୁଜ୍‌ରେ ପୁଣି ସଙ୍କଟ ସୃଷ୍ଟି ହୋଇ ଗତିରୋଧ ଜାରି ରହିଛି। ଏହା ଦ୍ୱାରା ବିଶ୍ୱ ତୈଳ ମୂଲ୍ୟରେ ୩ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ହର୍ମୁଜ୍ ପ୍ରଣାଳୀ ଦେଇ ଶକ୍ତି ଯୋଗାଣରେ ବାଧା ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ନୂତନ ଅନିଶ୍ଚିତତା ସୃଷ୍ଟି ନେଇ ଚିନ୍ତାକୁ ବଢ଼ାଇଛି। ସେପ୍ଟେମ୍ବର ଡେଲିଭରି ପାଇଁ ବ୍ରେଂଟ କ୍ରୁଡ୍ ଫ୍ୟୁଚର୍ସ ମୂଲ୍ୟ ପ୍ରାରମ୍ଭିକ କାରବାରରେ ୨.୪୬ ଡଲାର ଅର୍ଥାତ୍ ୩.୨୪ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ବ୍ୟାରେଲ ପିଛା ଦର ୭୮.୪୭ ଡଲାରରେ ପହଚିଂଛି। ଆମେରିକାର ୱେଷ୍ଟ ଟେକ୍ସାସ ଇଟଂରମିଡିଏଟ୍ (ଡବ୍ଲୁଟିଆଇ) ଅଗଷ୍ଟ ଡେଲିଭରି ପାଇଁ କ୍ରୁଡ୍ ଫ୍ୟୁଚର୍ସର ମୂଲ୍ୟ ୨.୩୬ ଡଲାର ବା ୩.୩୦ ପ୍ରତିଶତ ବୃଦ୍ଧି



ପାଇ ଏବେ ୭୩.୭୭ ଡଲାରରେ ଛୁଇଁଛି। ଆମେରିକା ପକ୍ଷରୁ ଇରାନ ଲକ୍ଷ୍ୟସ୍ଥଳ ଉପରେ ପୁଣି ଆକ୍ରମଣ କରାଯିବା ପରେ ତେହେରାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଣି ଯୁଦ୍ଧ ଯୋଗୁଁ ଆଶଙ୍କା ସୃଷ୍ଟି ହୋଇଛି ଯେ, ଏହି ସଂଘର୍ଷ ଉପସାଗରୀୟ ଅଚଂଳରୁ ତୈଳ ରପ୍ତାନିକୁ ବାଧା ଦେଇପାରେ ଏବଂ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ପରିବହନ ପଥ ହର୍ମୁଜ୍ ପ୍ରଣାଳୀ ଦେଇ ବାଣିଜ୍ୟିକ ପରିବହନକୁ ସଙ୍କଟରେ ପକାଇପାରେ। କେପ୍ଲରରୁ ଜାହାଜ-ଟ୍ରାକିଂ ତଥ୍ୟ ଦ୍ୱାରା ସାମୁଦ୍ରିକ ସୁରକ୍ଷା ଚିନ୍ତା ବୃଦ୍ଧି କରିଛି। ଏହା ଦର୍ଶାଉଛି ଯେ, ରବିବାର କେବଳ ଛଅଟି ଜାହାଜ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରିଥିଲା, ଯାହା ପାଞ୍ଚସ ସପ୍ତାହ ମଧ୍ୟରେ ସର୍ବନିମ୍ନ ଦୈନିକ ଟ୍ରାଫିକ ସ୍ତର।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# କିଡ଼ସ ପବ୍ଲିକ ସ୍କୁଲରେ ବନ ମହୋତ୍ସବ ପାଳିତ



କେନ୍ଦୁଝର,୧୩/୭(ନି/ପ୍ର): କେନ୍ଦୁଝର ଷ୍ଟେସନ ରୋଡ଼ ସ୍ଥିତ କିଡ଼ସ ପବ୍ଲିକ ସ୍କୁଲର ପରିସରରେ ୭୬ ତମ ବନ ମହୋତ୍ସବ ବେଶ ଧୁମ ଧାମରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ମାନଙ୍କର ସ୍ୱାଗତ କରାଇ ପିଲାମାନଙ୍କୁ ବୃକ୍ଷ ହିଁ ଜୀବନ ବିଷୟରେ ବର୍ଣ୍ଣନା କରିଥିଲେ । ବନମହୋତ୍ସବରେ ମୁଖ୍ୟ ଅତିଥି ରୂପେ କେନ୍ଦୁଝର ଜିଲ୍ଲା ବନ ଉପଖଣ୍ଡର ଅଧିକାରୀ ଧନରାଜ ହନୁମନ୍ତ ଧାମଧେର,ଶ୍ରୀମତୀ ଅମ୍ରିତା ଧାମଧେର ଏବଂ ଡକ୍ଟର ମୋନିକା ପଟ୍ଟନାଏକ ଓ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାଏକ ପରିବେଶ ସୁରକ୍ଷା ଓ ସଚେତନତା ବିଷୟରେ ପିଲାମାନଙ୍କୁ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ । ଧନରାଜ ହନୁମନ୍ତ ଧାମଧେର ବୃକ୍ଷ ଆମ ଜୀବନରେ କେତେ ମୂଲ୍ୟବାନ ତାହା ପିଲାମାନଙ୍କୁ ଉଦବୋଧନ ଦେଇଥିଲେ । ନିଜର ଜନ୍ମଦିନରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ କହି ଥଲେ ।ଭଗବାନଙ୍କ ସୃଷ୍ଟିର ଏ ସୁନ୍ଦର ପୃଥିବୀକୁ ଆହୁରି ସୁନ୍ଦର ଓ ସୁରକ୍ଷିତ ରଖିବା ପାଇଁ ପିଲାମାନଙ୍କୁ ଶପଥ କରାଇଥିଲେ । ବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ସୁସ୍ମିତା ମହାନ୍ତି ନିଜର ବକ୍ତବ୍ୟରେ ପିଲାମାନଙ୍କୁ ବୃକ୍ଷ ରୋପଣ ବିଷୟରେ କହିଥିଲେ ଯେ ବୃକ୍ଷ ଆମର ମାଆ । ମାଆର ସେବା ଯନ୍ତ ଯେପରି କରାଯାଏ ସେହିପରି ବୃକ୍ଷର ସେବାଯନ୍ତ କରିବା ଉଚିତ ।ପରେ ପରେ ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି , ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ , ଅଧକ୍ଷ , ପ୍ରଶାସନିକ ମୁଖ୍ୟ ଓ ସମସ୍ତ ଛାତ୍ର ଛାତ୍ରୀ ବୃନ୍ଦ ବିଦ୍ୟାଳୟ ପରିସରେ ବୃକ୍ଷ ରୋପଣ କରିଥିଲେ ।ଏହି ଉତ୍ସବକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଶିକ୍ଷୟତ୍ରୀ ଅନିତା ଦାସ,ଅଭିପ୍ସା ପଣ୍ଡା,ସୁଦ୍ଧାରାଣୀ ପ୍ରଧାନ, ଦେବସ୍ମିତା ସାହୁ , ନାଜିଆ ତସନିମ ଓ ପିଲାମାନଙ୍କୁ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ବିଦ୍ୟାଳୟର ଶିକ୍ଷକ ସୁନୀଲ ରାଜ,ସତ୍ୟବାନ ନାଥ ,ଗଣେଶ୍ୱର ବାରିକ, ଭାରତ ଭୂଷଣ ଗିରି, ସନ୍ତୋଷ ମିଶ୍ର , ତରୁଣ ମହାନ୍ତ,ଏମଡି କୁନୁ , ଦେବାଶିଷ ବସ୍ତିଆ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପିଲାମାନେ ବଣ ଜଙ୍ଗଲର ମହାତ୍ମ୍ୟ କଥା ଉପସ୍ଥାପନ କରିଥିଲେ ।ଶେଷରେ ବିଦ୍ୟାଳୟର ଶିକ୍ଷୟତ୍ରୀ ମଧୁଲି ସା ମୁଖ୍ୟ ଅଥିତି ମାନଙ୍କର ଧନ୍ୟବାଦ ଅର୍ପଣ କରି ମହୋତ୍ସବକୁ ସମ୍ପୂର୍ଣ୍ଣ କରିଥିଲେ ।

# ଟେଣ୍ଡର ପରେବି ସୁଧୁରୁନି ବାମେବାରୀ-ପଳାସପଙ୍ଗା ରାସ୍ତା

ଚମ୍ପୁଆ,୧୩/୭(ନି/ପ୍ର):ଚମ୍ପୁଆ ଉପଖଣ୍ଡର ପ୍ରମୁଖ ରାସ୍ତା ବାମେବାରୀ-ପଳାସପଙ୍ଗା ଏବେ ମରଣଯନ୍ତା ପାଲଟିଛି । ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ସ୍ଥାନୀୟ ଅଂଚଳରେ ପାଦେ ପାଦେ ବିପଦ ସୃଷ୍ଟି ହେଉଥିବା ବେଳେ ପ୍ରଶାସନିକ ଉଦାସୀନତାକୁ ନେଇ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ୬୯ କୋଟି ଟଙ୍କାର ବ୍ୟୟବରାଦ କରି ଟେଣ୍ଡର ପ୍ରକ୍ରିୟା ଶେଷ କରିଥିଲେ ସୁଦ୍ଧା, ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସ୍ଥିତିରେ କୌଣସି ସୁଧାର ଆସିପାରୁ ନାହିଁ । କାହା ସ୍ୱାର୍ଥରେ ବାମେବାରୀଠାରୁ ବଡ଼ କାଳିମାଟି ପର୍ଯ୍ୟନ୍ତ ମାତ୍ର ୬ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ବିଗତ ୬ ବର୍ଷ ହେବ ଅଟକି ରହିଛି । ପୂର୍ବ ସରକାର ସମୟରେ ଚମ୍ପୁଆର ତତ୍କାଳୀନ ବିଧାୟିକା ମିନାକ୍ଷୀ ମହାନ୍ତ ଶହ ଶହ ନଡ଼ିଆ ଫିଟି 'ନନ୍ଦ କନଷ୍ଟ୍ରକ୍ସନ' ଠିକାଦାର ସଂସ୍ଥା ଜରିଆରେ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ରାଜ୍ୟରେ ସରକାର ବଦଳି ଯାଇଥିଲେ ସୁଦ୍ଧା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଭାଗ୍ୟ ବଦଳି ପାରିନାହିଁ । କାମ ଆରମ୍ଭ ହେଲା କି ନାହିଁ, ସେନେଇ ବିଭାଗୀୟ ଉଚ୍ଚ ପଦାଧିକାରୀ କୌଣସି ତଦନ୍ତ କରୁନଥିବା ଅଭିଯୋଗ ହୋଇଛି । ରାସ୍ତା ଖରାପ ଯୋଗୁଁ ବିଗତ ୮ ବର୍ଷ ହେବ ଏହି ରୁଟ୍‌ରେ ସମ୍ପୂର୍ଣ୍ଣ ଭାବେ ବସ୍ ଚଳାଚଳ ଠପ୍ ହୋଇଯାଇଛି । ଫଳରେ ସରକାରୀ ଓ ବେସରକାରୀ ଯାତ୍ରୀବାହୀ ବସ୍ ସେବାରୁ ସମ୍ପୂର୍ଣ୍ଣ ବଂଚିତ ହୋଇ ରହିଛନ୍ତି ସ୍ଥାନୀୟ ୩ ରୁ ୪ଟି ପଂଚାୟତର ହଜାର ହଜାର ଜନସାଧାରଣ । ସାଧାରଣ ଯାତାୟାତ ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି । ଅନ୍ୟପକ୍ଷେ ରାସ୍ତା ସାରା ବେଆଇନ ଭାବେ ସ୍ଲୋରିପାଇପ୍ ଲାଇନ୍ ପାଇଁ ବଡ଼ ବଡ଼ ଖାଲ ଖୋଳାଯାଇ ଛାଡ଼ି ଦିଆଯାଇଛି । ଫଳରେ ପ୍ରତିଦିନ ଟ୍ରାଫିକ ଜାମ, ଦୁର୍ଘଟଣା ଏବଂ ଧନଜୀବନ ହାନିର ଆଶଙ୍କା ଲାଗି ରହୁଛି । ସୂଚନାଯୋଗ୍ୟ ଯେ, ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକସନ୍ କର୍ପୋରେସନ୍ ପକ୍ଷରୁ ଯୋଡ଼ା-ବାମେବାରୀ-ପଳାସପଙ୍ଗା ରାସ୍ତାକୁ ୬-ଲେନ୍ ବିଶିଷ୍ଟ କରିବା ପାଇଁ ଏକ ବୃହତ ଯୋଜନା ହାତକୁ ନିଆଯାଇଛି । କିନ୍ତୁ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଏହି ମନ୍ଥର କାର୍ଯ୍ୟ କେବେ ସରିବ ଏବଂ ଲୋକଙ୍କ ସମସ୍ୟା ଦୂର ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ଜିଲ୍ଲା ପ୍ରଶାସନ ଉଦାସୀନ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାସ୍ତା ମରାମତି ନକଲେ ଆଗାମୀ ଦିନରେ ଅଂଚଳବାସୀ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଗୁଡ଼ାରୀ ଦେଇ ଗୋପାଳପୁର-ରାୟଗଡ଼ା ନୂତନ ରେଳପଥର ପୁନଃ ସର୍ଭେ ପାଇଁ ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସାଂସଦ

ଜୟପୁର,୧୩/୭(ନି/ପ୍ର):କୋରାପୁଟ ଲୋକସଭା କ୍ଷେତ୍ରର ସାଂସଦ ସପ୍ତଗିରି ଶଙ୍କର ଉଲାକା ଗୁଡ଼ାରୀ ଦେଇ ପ୍ରସ୍ତାବିତ ଗୋପାଳପୁର ରାୟଗଡ଼ା ନୂତନ ରେଳପଥର ପୁନଃସଜ୍ଜା ସର୍ଭେ କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି ଦାବୀ କରିଛନ୍ତି । ପତ୍ରରେ ସାଂସଦ ଉଲ୍ଲେଖ କରିଛନ୍ତି ଯେ, ଗୁଡ଼ାରୀ ଏବଂ ଏହାର ଆଖପାଖ ଅଂଚଳର ପ୍ରାୟ ଦେଢ଼ ଲକ୍ଷ ଲୋକ ମଧ୍ୟ ରେଳ ସଂଯୋଗରୁ ବଂଚିତ ରହିଛନ୍ତି । ଯାହା ଫଳରେ ସ୍ଥାନୀୟ ଲୋକମାନେ ସ୍ୱାସ୍ଥ୍ୟସେବା, ଉଚ୍ଚଶିକ୍ଷା, ବଜାର ଓ ରୋଜଗାର ସୁବିଧା ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେ ରେଳମନ୍ତ୍ରୀଙ୍କୁ ଆଖୁସିଙ୍ଗି-ନାଇରା-ଗୁଡ଼ାରୀ-ବାଙ୍କିଲି/ ଦୁର୍ଗି ଦେଇ ଏକ ବିକଳ୍ପ ରେଳପଥ ସଂରେଖଣକୁ ବିଚାର କରିବା ସହ ଏହାକୁ ପ୍ରସ୍ତାବିତ ଗୁଣପୁର-ଥେରୁବାଲି ରେଳପଥ ସହ ସଂଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି ବିକଳ୍ପ ପୁନଃ ଶ୍ରେଣୀବଦ୍ଧତା କାର୍ଯ୍ୟକାରୀ ହେଲେ ଗୁଡ଼ାରୀ ସମେତ ସମଗ୍ର ଅଂଚଳ ରେଳ ମାନଚିତ୍ରରେ ସାମିଲ ହୋଇ ବ୍ୟାପକ ବିକାଶର ପଥ ପ୍ରଶସ୍ତ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି । ସାଂସଦ ଶ୍ରୀ ଉଲାକା କହିଛନ୍ତି ଯେ, ଗୁଡ଼ାରୀକୁ ରେଳ ସଂଯୋଗ ଦେବା ସ୍ଥାନୀୟ ଲୋକଙ୍କର ବହୁ ବର୍ଷର ଦାବୀ ଏହି ରେଳପଥ ନିର୍ମାଣ ହେଲେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ବ୍ୟବସାୟ, ପର୍ଯ୍ୟଟନ ଏବଂ ରୋଜଗାର କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବା ସହ ସମଗ୍ର ଅଂଚଳର ଆର୍ଥିକ ଓ ସାମାଜିକ ବିକାଶ ତ୍ୱରାନ୍ୱିତ ହେବ । ରେଳ ବୋର୍ଡ଼ ଏହି ଦୀର୍ଘଦିନର ଜନଦାବିକୁ ସକାରାତ୍ମକ ଭାବେ ବିଚାର କରି ଶୀଘ୍ର ପୁନଃ ସଜ୍ଜା ସର୍ଭେକୁ ଅନୁମୋଦନ କରିବେ ବୋଲି ସାଂସଦ ଆଶା ପ୍ରକାଶ କରିଛନ୍ତି ।

# ପ୍ରେମ ମାମଲାକୁ ନେଇ ଗଡ଼ିଲା ମୁଣ୍ଡ

## ପ୍ରେମିକାର ଦାଦାକୁ ରାସ୍ତାରୁ ହଟାଇଲା ପ୍ରେମିକ



ଅନୁଗୋଳ,୧୩/୭(ନି/ପ୍ର):ପ୍ରେମ ମାମଲାକୁ ନେଇ ଗଡ଼ିଲା ମୁଣ୍ଡ । ଝିଆରୀକୁ ପ୍ରେମ ଦାଦାଙ୍କୁ ହତ୍ୟା । ଅନୁଗୋଳରେ ପ୍ରେମ ବିବାଦକୁ ନେଇ ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ପ୍ରେମରେ ବାଧା ସୃଷ୍ଟି କରିବାରୁ ହତ୍ୟାକାଣ୍ଡ ଘଟାଇଛି ଯୁବକ । ପ୍ରେମିକାର ଦାଦାଙ୍କୁ ପ୍ରେମ ରାସ୍ତାରେ ଆସିବାକୁ ତାଙ୍କୁ ହତ୍ୟା କରିଛି ପ୍ରେମିକ । ମୃତକ ହେଲେ ହେମନ୍ତ ବେହେରା । ଶରଧାପୁର ଗାଁର ଜଣେ ଯୁବକ ତାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିବା ଜଣାପଡିଛି । ବାଲୁଅକଟା ପଚାଂୟତ କୁମ୍ଭକର୍ଣ୍ଣ ସାହିରେ ହତ୍ୟାକାଣ୍ଡକୁ ନେଇ ଚାଂଚଲ୍ୟ ଖେଳିଯାଇଛି । ରାସ୍ତାରେ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି କେହି କିଛି ବୁଝିପାରୁନାହାନ୍ତି । ସମସ୍ତେ ସ୍ତବ୍ଧ । ପୁଲିସ୍ ଘଟଣାସ୍ଥଳରେ ପହଂଚିଛି । ତଦନ୍ତ ଆରମ୍ଭ ହୋଇଛି । ପ୍ରାଥମିକ ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ହେମନ୍ତ ତାଳସାହି ଗାଁର ଏକ ସ୍ଥାନୀୟ ଦୋକାନକୁ ଯାଇଥିଲେ । ଏହି ସମୟରେ ହତ୍ୟାକାଣ୍ଡ ଘଟିଛି । ସେ ସେଠାରେ ଥିବା ସମୟରେ ତାଙ୍କୁ ୪ରୁ ୫ଜଣ ଯୁବକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ ହିଁ ହେମନ୍ତଙ୍କ ମୃତ୍ୟୁ ହୋଇଥିଲା । ଗାଁ ମଝିରେ ହତ୍ୟାକାଣ୍ଡ ହୋଇଥିବାରୁ ବାସିନ୍ଦାଙ୍କ ମନରେ ଭୟ ଏବଂ ଉତେଜନା ସୃଷ୍ଟି ହୋଇଛି । ହେମନ୍ତଙ୍କ ମୃତ୍ୟୁରେ ତାଙ୍କ ପରିବାର ଭାଙ୍ଗି ପଡିଛନ୍ତି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପରିବାର ।

# ବାନେର-ବିମଳା ପିଡବ୍ଲୁଡି ରାସ୍ତା ମରାମତି ନହେଲେ ଆନ୍ଦୋଳନ ଚେତାବନୀ

ମୁଖୀଗୁଡା,୧୩/୭(ନି/ପ୍ର): କଳାହାଣ୍ଡି ଜିଲ୍ଲା ଜୟପଟଣା ବ୍ଲକ ବାନେରରୁ କୋକସରା ବ୍ଲକ ଲଡୁଗାଁକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାର ବାନେରରୁ ବିମଳା ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ଖାଲଖମାରେ ଭରି ରହିଥିବାରୁ ଯାତାୟାତରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲଡୁଗାଁରୁ ବାନେର ଠାରୁ ଲଡୁଗାଁ ପର୍ଯ୍ୟନ୍ତ ପିଡବ୍ଲୁଡି ରାସ୍ତା ଏ ଅଚଂଳର ଏକ ପ୍ରମୁଖ ଯାତାୟାତ ରାସ୍ତା ଏହି ରାସ୍ତା ଦେଇ କୋକସରା ବ୍ଲକର ବିଭିନ୍ନ ଗ୍ରାମକୁ ଲୋକେ ଜୟପାଟଣା ଅଚଂଳରୁ ଯାତାୟାତ କରନ୍ତି । ବର୍ତମାନ ଲଡୁଗାଁରୁ ବିମଳା ପର୍ଯ୍ୟନ୍ତ ପ୍ରାୟ ରାସ୍ତାର ନିର୍ମାଣ କାମ ଚାଲିଥିବା ବେଳେ ବିମଳାରୁ ବାନେର ପର୍ଯ୍ୟନ୍ତ ଅବଶିଷ୍ଟ ୭ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ମରାମତି ଅଭାବରୁ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଛି । ରାସ୍ତାରେ ବଡ଼ ବଡ଼ ଖାଲଖମା ହୋଇଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନରେ ଯିବା ଆସିବା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବର୍ଷା ଦିନରେ ଏହି ଖାଲଖମାରେ ପାଣି ଜମି ରହୁଥିବାରୁ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଉଛି । ପ୍ରତିଦିନ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ ଦୈନିକ ଏହି ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ ସହ ମୁଖିଗୁଡା-ଲଡୁଗାଁ ଭାୟା, ଭବାନୀପାଟଣା, ଭଇଁରିପାଲି ଲଡୁଗାଁ ଭାୟା କେସିଙ୍ଗା, ଭବାନୀପାଟଣା ଭାୟା ମୁଖିଗୁଡା - ଲଡୁଗାଁ ଦେଇ ବିଶାଖାପାଟଣା ବସ ଦୈନିକ ଏହି ରାସ୍ତା ଦେଇଯିବା ଆସିବା କରିବା ସହ ଶହ ଶହ ଯାନବାହାନ ଯିବା ଆସିବା କରିଥାଏ । ଏବେ ଲଡୁଗାଁ-ବିମଳା ଅଂଶରେ ରାସ୍ତା କାମ ଚାଲିଥିବାରୁ ସ୍ଥାନୀୟ ଲୋକେ ଖୁସି ପ୍ରକାଶ କରିଥିବା ବେଳେ ବିମଳାରୁ ବାନେର ପର୍ଯ୍ୟନ୍ତ ଅବଶିଷ୍ଟ ରାସ୍ତାର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ସେନେଇ ପ୍ରଶ୍ନ ଉଠାଇଛନ୍ତି । ତେଣୁ ପୂର୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଉକ୍ତ ରାସ୍ତାର ମରାମତି ଓ ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।ଏନେଇ ପୂର୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତା କାମ ହେବା ପାଇଁ ପ୍ରୋସେସ ଚାଲିଛି ଶୀଘ୍ର ହେବ ବୋଲି କହିଥିଲେ ଅନ୍ୟପକ୍ଷରେ ରାସ୍ତା କାମ ଶୀଘ୍ର ନହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ଅଚଂଳବାସୀ ।

## ଉଦଳା ମଟର କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ, ଉଦଳାରୁ ଗଡୁନି ବସ୍




ଉଦଳା,୧୩/୭(ନି/ପ୍ର): ଉଦଳାରୁ ଭୁବନେଶ୍ୱର ଚାଲୁଥିବା ଏକ ଯାତ୍ରୀବାହୀ ବସର କଣ୍ଡକ୍ଟର ରବୀନ୍ଦ୍ର ପରିଚ୍ଛାଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଆସାମୀମାନଙ୍କୁ ଗିରଫ କରା ଯାଉନଥିବାରୁ ଆଜି ଉଦଳା ମଟର କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି । ଏ ନେଇ ଗତକାଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯିବା ସହିତ ପୁଲିସର ଏତାଦୃଶ କାର୍ଯ୍ୟକୁ ସମାଲୋଚନା କରିଥିଲା ସଂଘ । ଥାନାରେ ଦୁଇଜଣ ଆସାମୀଙ୍କୁ ଅଟକ ରଖାଯାଇଥିବା ବେଳେ ପରବର୍ତୀ ମୂହୂର୍ତରେ ଛାଡ଼ି ଦିଆଯାଇଥିଲା । ସଂଘର ସମ୍ପାଦକ ହରିଶ ଚନ୍ଦ୍ର ଦାସ କହିଥିଲେ, ଏହାର ପ୍ରଭାବରେ ଆଜି ସକାଳ ପାଖରୁ ଉଦଳାରୁ ଗୋଟିଏ ହେଲେ ଯାତ୍ରୀବାହୀ ବସ୍ ଗଡ଼ିନାହିଁ । ଅନ୍ୟ ପକ୍ଷରେ ସଂଘର ଏଭଳି ଆନ୍ଦୋଳନ ଡାକରା ପରେ ଉଦଳା ପୁଲିସ ଗତକାଲି ଚଢ଼ଉ କରି ଆକ୍ରମଣ ଘଟଣାରେ ସାମିଲ ଥିବା ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ତେବେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯିବ ବୋଲି ମଟର କର୍ମଚାରୀ ସଂଘର ସଭାପତି ମନୋରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ଶେଷ ଖବର ଅନୁଯାୟୀ ଡାକ୍ତରୀ ମାଇନା କରିବା ନିମନ୍ତେ ଅଭିଯୁକ୍ତମାନଙ୍କୁ ଉଦଳା ଡାକ୍ତରଖାନାକୁ ଅଣାଯାଇଛି ।



କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

# ଜଜପଶି ସରକାରୀ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

କେନ୍ଦୁଝର,୧୩/୭(ନି/ପ୍ର): ଚମ୍ପୁଆ ବ୍ଲକ ଜଜପଶି ପଂଚାୟତ ଅନ୍ତର୍ଗତ ଜଜପଶି ସରକାରୀ ପ୍ରାଥମିକ ବିଦ୍ୟାଳୟ ର ନୂତନ ଗୃହ ଉଦଘାଟିତ ହୋଇଯାଇଛି । ନୂତନ ଗୃହ ଉଦଘାଟନ ଓ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ପାଟଣା ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଜଜପଶି ସରପଂଚ ସୁବାସିନୀ ନାଏକ ପ୍ରମୁଖ ଯୋଗ ଦେଇ ନୂତନ ଗୃହକୁ ଉଦଘାଟିତ କରିଥିଲେ । ପୂଜକ ବସନ୍ତ କୁମାର ତ୍ରିପାଠୀ ପୂଜାଅର୍ଚ୍ଚନା କରିଥିଲେ। ପୁରାତନ ପ୍ରାଥମିକ ବିଦ୍ୟାଳୟ ଟି ଅନେକ ଶ୍ରେଣୀ ଗୃହ କୋଠରୀ ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଓ ବିପଦ ସଂକୁଳ ଅବସ୍ଥାରେ ଥିବାରୁ ଗ୍ରାମ ଓ ଅଂଚଳବାସୀଙ୍କ ଦାବୀ ପରେ ନୂତନ ସ୍ଥାନରେ ଗୃହ ନିର୍ମାଣ କରାଯାଇଥିବାରୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ଜଜପଶି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୀଲ କୁମାର ମହାନ୍ତ, ଜ୍ୟୋତିପୁର ସି. ଆର. ସି. ସି ଦୁଷ୍ମନ୍ତ କୁମାର ବାରିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀରେଖା ଦାସ, ସହକାରୀ ଶିକ୍ଷୟିତ୍ରୀ ଉର୍ବଶୀ ମହାନ୍ତ, କୁକ -ଅଟେନାସ ଚତୃର୍ଭୁଜ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଆଇସିଏଆର-ସିଫାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ-୨୦୨୬ ପାଳିତ



ଭୁବନେଶ୍ୱର,୧୩/୭(ନି/ପ୍ର): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧୀନସ୍ଥ କେନ୍ଦ୍ରୀୟ ମଧୁର ଜଳ ଜଳଚାଷ ପ୍ରତିଷ୍ଠାନ (ଆଇସିଏଆ-ସିଫା), ଭୁବନେଶ୍ୱର ପକ୍ଷରୁ ଆଜି କୌଶଲ୍ୟାଗଙ୍ଗ ପରିସରରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ-୨୦୨୬ ପାଳନ କରାଯାଇଛି। ୧୯୫୭ ମସିହା ଜୁଲାଇ ୧୦ ତାରିଖରେ ଡଃ କେ. ଏଚ୍. ଆଲିକୁନ୍‌ହି ଓ ଡଃ ଏଚ୍. ଏଲ୍. ଚୌଧୁରୀଙ୍କ ଦ୍ୱାରା ଭାରତୀୟ ପ୍ରମୁଖ କାର୍ପ ମାଛର ସଫଳ କୃତ୍ରିମ ପ୍ରଜନନର ଐତିହାସିକ ସଫଳତାକୁ ସ୍ମରଣ କରି ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ । ଏହି ଅବସରରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଶ୍ରୀ ସୁଭ୍ରାଂଶୁ ମିଶ୍ର (ଓଏଏସ୍) ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟଚାଷ, ଉନ୍ନତ ମାଛ ବିହନ ଉତ୍ପାଦନ ଏବଂ ଆଧୁନିକ ପ୍ରଯୁକ୍ତିର ପ୍ରୟୋଗ ଦ୍ୱାରା ମତ୍ସ୍ୟ କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ସେ ମତ୍ସ୍ୟଚାଷୀ ଓ ଉଦ୍ୟୋଗୀମାନଙ୍କୁ ଆଧୁନିକ ପ୍ରଯୁକ୍ତି ଗ୍ରହଣ କରି ମୂଲ୍ୟ ସଂଯୋଜିତ ଉଦ୍ୟୋଗରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ସେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ମୁକ୍ତା ଚାଷ, କେଜ୍ କଲଚର, ରିସର୍କୁଲେଟରୀ ଆକ୍ୱାକଲଚର ସିଷ୍ଟମ (ଜଇଃ), ରଙ୍ଗୀନ ମତ୍ସ୍ୟଚାଷ ଓ ଆକ୍ୱାଶପ୍ ସ୍ଥାପନ ଭଳି ଉଦ୍ୟମ ପାଇଁ ମିଳୁଥିବା ସହାୟତା ସମ୍ପର୍କରେ ସୂଚନା ଦେବା ସହିତ ମହିଳା ଉଦ୍ୟୋଗୀମାନଙ୍କୁ ପୁଞ୍ଜି ବିନିଯୋଗର ୫୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ମିଳୁଥିବା କଥା ଉଲ୍ଲେଖ କରିଥିଲେ। ଗବେଷଣା ପ୍ରତିଷ୍ଠାନ, ସରକାରୀ ସଂସ୍ଥା, ଉଦ୍ୟୋଗୀ ଓ ଚାଷୀଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧିର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଆଇସିଏଆରର ପୂର୍ବତନ ସହକାରୀ ମହାନିର୍ଦ୍ଦେଶକ (ଅନ୍ତର୍ଦେଶୀୟ ମତ୍ସ୍ୟ) ଡଃ ବିମଳ ପ୍ରସନ୍ନ ମହାନ୍ତି କୃତ୍ରିମ ପ୍ରଜନନ ପ୍ରଯୁକ୍ତି ଭାରତର ନୀଳ ବିପ୍ଲବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କଥା କହିବା ସହ ଜଳବାୟୁ-ସହନଶୀଳ ମତ୍ସ୍ୟଚାଷ, ଟ୍ରେସେବିଲିଟି ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଯୁବକ ଓ ମହିଳାଙ୍କ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଇଥିଲେ ।

# ମାଲକାନଗିରି ଜିଲ୍ଲାସ୍ତରୀୟ ଶିକ୍ଷକ ବଦଳି କମିଟି ବୈଠକ ଅନୁଷ୍ଠିତ

## ଶିକ୍ଷା ବ୍ୟବସ୍ଥାର ସୁଧାର ଓ ଦୂରବର୍ତ୍ତୀ ଅଂଚଳର ବିଦ୍ୟାଳୟକୁ ପ୍ରାଥମିକତା

ମାଲକାନଗିରି,୧୩/୭(ନି/ପ୍ର): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଶିକ୍ଷକ ବଦଳି କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଏବଂ ଶିକ୍ଷକମାନଙ୍କର ଉଚିତ ଅଦଳବଦଳ ପ୍ରକ୍ରିୟାକୁ ସୁଦୂରପ୍ରସାରୀ କରିବା ପାଇଁ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ବୈଠକରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି, 'ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତ ସନ୍ତୁଳନ ରଖିବା ଆମର ମୁଖ୍ୟ ଲକ୍ଷ୍ୟ । ସମ୍ପୂର୍ଣ୍ଣ ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସରକାରୀ ନିୟମାବଳୀର କଠୋର ଅନୁପାଳନ କରାଯିବ । ବିଶେଷ କରି ଜିଲ୍ଲାର ଦୂରବର୍ତ୍ତୀ ଏବଂ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଥିବା ଏକକ ଶିକ୍ଷକ ବିଦ୍ୟାଳୟଗୁଡ଼ିକର ସମସ୍ୟା ଦୂର କରିବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ, ଯେପରି କୌଣସି ବି ଶିଶୁ ଗୁଣାତ୍ମକ ଶିକ୍ଷାରୁ ବଂଚିତ ହେବେ ନାହିଁ। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଶିକ୍ଷକମାନଙ୍କ ବୃତିଗତ ତଥ୍ୟ, ସେବା ଅବଧି ଏବଂ ଅନଲାଇନ ପ୍ରୋଫାଇଲକୁ ଆଧାର କରି ଏହି ବଦଳି ତାଲିକା ପ୍ରସ୍ତୁତ କରାଯାଇଛି । ଯେଉଁ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ଶିକ୍ଷକ ଅଭାବ ଥିବା ବିଦ୍ୟାଳୟକୁ ବଦଳି କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଏହି ବଦଳି ପ୍ରକ୍ରିୟା ଦ୍ୱାରା ଜିଲ୍ଲାର ବିଦ୍ୟାଳୟଗୁଡ଼ିକରେ ଲାଗି ରହିଥିବା ଶିକ୍ଷକ ସମସ୍ୟାର ସମାଧାନ ହେବା ସହ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆଶା ପ୍ରକଟ କରାଯାଇଛି ।

# ଉତ୍କଳ ସମାଚାର

## ସମ୍ପାଦକୀୟ...

### ମଙ୍ଗଳବାର ୧୪ ଜୁଲାଇ ୨୦୨୬

## ସାମାନ୍ୟ କଥନ : ଖ୍ୱାଜାଙ୍କ ଦରଗାହ

ହିନ୍ଦୁ ଧର୍ମରେ ଯେମିତି 'ଭକ୍ତିବାଦ', ଇସଲାମରେ ସେମିତି ସୁଫିବାଦ। ଉଭୟର ପ୍ରସାର ମଧ୍ୟକାଳରେ; ଉଭୟ ମଧ୍ୟରେ ପ୍ରମୁଖ ସାମଞ୍ଜସ୍ୟ ହେଲା- ପରମାତ୍ମାଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ ହିଁ ଏକମାତ୍ର ଧ୍ୟେୟ। ତାହା ହିଁ ବ୍ୟକ୍ତି ପାଇଁ ଅନ୍ତିମ ଆଶ୍ରୟ ସ୍ଥଳୀ। ଏଥି ପାଇଁ ବିଷୟ-ପ୍ରାଚୁର୍ଯ୍ୟ ଅଲୋଡ଼ା, ପ୍ରଗାଢ଼ ତାତ୍ତ୍ୱିକ ଜ୍ଞାନ ଅଲୋଡ଼ା ଏବଂ ଧାର୍ମିକ ରୁଢ଼ିବାଦ କିମ୍ବା ଜଟିଳ ଖର୍ଚ୍ଚବହୁଳ କର୍ମକାଣ୍ଡ ମଧ୍ୟ ଅନାବଶ୍ୟକ! ସୁଫୀବାଦର ମୂଳ ଯଦିଓ ପାରସ୍ୟରେ (ଇରାନ), ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରୁ ଏହାର ପ୍ରସାର ଭାରତରେ ଦେଖିବାକୁ ମିଳେ। ରାଜସ୍ଥାନର ଆଜମେର ହେଲା ସୁଫି ସନ୍ଥ ଖ୍ୱାଜା ମୈନୁଦ୍ଦିନ ଚିସ୍ତିଙ୍କର (ଖ୍ରୀ. ୧୧୪୩-୧୨୩୬) ପୀଠ ସ୍ଥଳୀ। ଅନ୍ତତଃ ମଧ୍ୟକାଳରୁ ସମଗ୍ର ଭାରତ ଉପମହାଦେଶରେ ଆଜମେରର ପ୍ରସିଦ୍ଧି ପୁଷ୍କର ସ୍ଥିତ ବ୍ରହ୍ମାମନ୍ଦିର ପାଇଁ ଯେତିକି, ଖ୍ୱାଜାଙ୍କ 'ଦରଗାହ' ପାଇଁ ମଧ୍ୟ ସେତିକି। ସୁଫି-ବିଚାରରେ 'ଉର୍ସ' (ସନ୍ଥଙ୍କର ମହାପ୍ରୟାଣ) ହେଉଛି ଏକ ପବିତ୍ର ମହୋତ୍ସବ, କାରଣ ସେହି ଦିନ ପରମାତ୍ମାଙ୍କ ସହିତ ସନ୍ଥଙ୍କର 'ମହାମିଳନ' ଘଟିଲା। ତାହା ପରମାନନ୍ଦର କ୍ଷଣ; ଦୁଃଖ-ରୋଦନର ତହିଁରେ ସ୍ଥାନ କାହିଁ! ଛ' ଦିନ ବ୍ୟାପି ମହାଉତ୍ସାହରେ ପାଳିତ ହେଉଥିବା 'ଉର୍ସ' ବେଳେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ସମଗ୍ର ଉପମହାଦେଶରୁ ଆଜମେର ଦରଗାହକୁ ଦର୍ଶନ ପାଇଁ ଆସନ୍ତି। ଭାରତର ରାଜନୈତିକ ମାନଚିତ୍ରରେ ରାଷ୍ଟ୍ର-ରାଷ୍ଟ୍ର ନାଁରେ ଆଜି ଅନେକ କଟା-ବଛା, ନାହିଁ ନ ଥିବା ବାଛ-ବିଚାର। ହେଲେ, ଆଜମେର ଦରଗାହରେ ସମଗ୍ର ଉପମହାଦେଶର ଲୋକଙ୍କ ମହାମିଳନ ଘଟେ; ଆମ ସାଂସ୍କୃତିକ ଐତିହ୍ୟ ସର୍ବଦା ଅଖଣ୍ଡ ବୋଲି ସିଦ୍ଧ ହୁଏ। ଖ୍ୱାଜା ମୈନୁଦ୍ଦିନ ଚିସ୍ତି ଦିଲ୍ଲୀ ସୁଲତାନ ଇଲତୁତମିସଙ୍କ ରାଜୁତି (୧୨୧୦-୧୨୩୬) କାଳରେ ବା ତା'ର ଅଳ୍ପ ଆଗରୁ ପାରସ୍ୟରୁ ଆସି ଆଜମେର ଠାରେ ଆସ୍ଥାନ କରି ରହିଗଲେ। ଆଜମେରର ରହଣି କାଳରେ ତାଙ୍କ ଅଧ୍ୟୟନ ଓ ଦର୍ଶନ-ଜ୍ଞାନ ଚରମୋତ୍କର୍ଷ ଲାଭ କଲା; ତାଙ୍କ ଖ୍ୟାତି ବଢ଼ିଲା; ସାଧାରଣ ଜନଙ୍କ ପ୍ରତି ତାଙ୍କ ସ୍ନେହ-



ଆଦର ଯୋଗୁଁ ସେ 'ଗରିବ-ନୱାଜ' ନାମ ଅର୍ଜନ କଲେ; ସେ ଅଲୌକିକତାର ଅଧିକାରୀ ବୋଲି ମନେ କରାଗଲା। ତେଣିକି, ତାଙ୍କ ଝାଟି-ମାଟିର ଆସ୍ଥାନକୁ ଦର୍ଶନ ନିମନ୍ତେ ଦିଲ୍ଲୀରୁ ସୁଲତାନ ଇଲତୁତମିସଙ୍କ (ଖ୍ରୀ. ୧୨୩୨ରେ) ପର୍ଯ୍ୟନ୍ତ ଆସିଲେ। ତାଙ୍କ ମହାପ୍ରୟାଣ (୧୨୩୬) ଉତ୍ତାରୁ ସେହି ସ୍ଥାନରେ 'ଦରଗାହ' ନିର୍ମିତ ହେଲା। ଲୌକିକ ସ୍ତରରେ ତାକୁ ଖ୍ୱାଜାଙ୍କ 'ଦରବାର' ବୋଲି କୁହାଗଲା। ଖ୍ୱାଜା ମୈନୁଦ୍ଦିନଙ୍କ ଜୀବିତାବସ୍ଥାରେ ଝାଟି-ମାଟିର ଦରବାରରେ (ଆସ୍ଥାନରେ) ଯେତେ ମାତ୍ରାରେ ଲୋକ ସମାଗମ ହେଉଥିଲା, ତାଙ୍କ ପ୍ରୟାଣ ପରେ ଧର୍ମ ନିର୍ବିଶେଷରେ 'ଦରଗାହ'ରେ ତହିଁରୁ ଅଧିକ ସଂଖ୍ୟକ ଲୋକ ଠୁଳ ହେଲେ; ସମସ୍ତଙ୍କ ଦୃଢ଼ ବିଶ୍ୱାସ, ଖ୍ୱାଜା, ଗରିବ ନୱାଜ କାହାକୁ ନିରାଶ କରନ୍ତି ନାହିଁ। ସଭିଙ୍କ ମନୋବାଞ୍ଛା ପୂରଣ କରନ୍ତି। ଯେଉଁ ଆସ୍ଥାରେ ଲୋକେ ଦରଗାହର କାନ୍ଥ-ବାଡ଼କୁ ଧରି କାନ୍ଦିକାନ୍ଦି ଦିନରାତି ନିଜ ନିଜ ଦୁଃଖ ବଖାଣୁଥାନ୍ତି, ତାହା ଆଖିରେ ନ ଦେଖିବା ଯାଏ ବିଶ୍ୱାସ କରି ହେବ ନାହିଁ। ସତେ ଯେମିତି, ପରଲୋକଗତ ଖ୍ୱାଜାଙ୍କ ଠାରୁ ଅଧିକ ଅନ୍ତରଙ୍ଗ ସଂସାରରେ କେହି ନାହିଁ। ପ୍ରବାଦ ଅଛି ଯେ ଖ୍ୱାଜାଙ୍କ ଡକରାରେ ଲୋକ ଆଜମେର ଆସନ୍ତି। ୧୫୨୬ ଖ୍ରୀଷ୍ଟାବ୍ଦରେ ସୁଲତାନୀ ଶାସନର ପତନ ପରେ ମୋଗଲ ସମ୍ରାଜ୍ୟର ଆରମ୍ଭ ହେଲା। ଦରଗାହର ଖ୍ୟାତି ଆହୁରି ବଢ଼ିଲା। ମୋଗଲ ବାଦଶାହ ଆକବର ରାଜଧାନୀ ଆଗ୍ରାରୁ ଅନ୍ୟୁନ ୧୪ଥର ଖ୍ୱାଜାଙ୍କ 'ଦରବାର'କୁ ଆସିଥିଲେ। ୧୫୬୬ ଖ୍ରୀଷ୍ଟାବ୍ଦରେ ଆକବର ଥରେ ଖାଲି ପାଦରେ ନିଜ ପାଟରାଣୀ ଯୋଧାବାଇଙ୍କୁ ସାଙ୍ଗରେ ଘେନି ଆସିଥିଲେ। ୧୫୬୮ରେ ସେ ଦରଗାହକୁ 'ଲଙ୍ଗର' ପ୍ରସ୍ତୁତି ପାଇଁ ଯେଉଁ ବିଶାଳ ହଣ୍ଡା ପ୍ରଦାନ କରିଥିଲେ, ତାକୁ ତିନିଟି ଭାଗରେ ବୋହିବା ପାଇଁ ତିନିଟି ହାତୀର ଲୋଡ଼ା ପଡ଼ିଥିଲା। କୁହାଯାଏ, ୨୦ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ଏହି ହଣ୍ଡା ହେଉଛି ବିଶ୍ୱରେ ସର୍ବବୃହତ୍ ?। ଏହାର ପର ବର୍ଷ ଯୋଧାବାଇଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା, ଯିଏ ସଲିମ (ଜାହାଙ୍ଗୀର) ନାମରେ ପରିଚିତ। ନିରକ୍ଷର ହେବା ସତ୍ତ୍ୱେ ଆକବର ଧାର୍ମିକ ସମନ୍ୱୟ ଓ ସମାବେଶୀ ଚରିତ୍ରକୁ ନିଜ ରାଜଧର୍ମର ଧ୍ୟେୟ କରିଥିଲେ। ଏହା ପଛରେ ପ୍ରମୁଖ କାରଣ ଥିଲା ଉଦାର ସୁଫି-ବିଚାର ଓ ଶାନ୍ତ-ସୌମ୍ୟ ପାଟରାଣୀ ଯୋଧାବାଇଙ୍କ ବ୍ୟକ୍ତିତ୍ୱର ପ୍ରଭାବ। ଆକବରଙ୍କ ଅଣନାତି ଦାରା ସିକୋହ (ମୁମତାଜ ଓ ଶାହାଜାହାନଙ୍କ ଜ୍ୟେଷ୍ଠ ପୁତ୍ର) ଆଜମେର ଠାରେ ଜନ୍ମ ଲାଭ କରିଥିଲେ; ପିଲା ଦିନରୁ ସୁଫି-ବିଚାରକୁ ସେ ଏତେ ମାତ୍ରାରେ ଅନ୍ତରସ୍ଥ କରି ନେଇଥିଲେ ଯେ ପାର୍ସୀରେ 'ମଜମା-ଉଲ-ବାହାରେନ' (ଓଡ଼ିଆରେ ଅର୍ଥ ହେବ-ଦୁଇ-ସମୁଦ୍ରର ସଙ୍ଗମ) ନାମରେ ଏକ ଗ୍ରନ୍ଥ ରଚନା କରିଥିଲେ, ଯାହା ସମାଜର ବିକାଶ ପାଇଁ ଧାର୍ମିକ ଉଦାରତା ଓ ସାଂସ୍କୃତିକ ସମନ୍ୱୟର ମହତ୍ତ୍ୱକୁ ଦର୍ଶାଏ। ଦାରା ଥିଲେ ଆକବରଙ୍କ ପ୍ରକୃତ ବୌଦ୍ଧିକ ଉତରାଧିକାରୀ। ଆଉରଙ୍ଗଜେବଙ୍କ ବଦଳରେ ସେ ଯଦି ଶାହାଜାହାନଙ୍କ ପରେ ମୋଗଲ ବାଦଶାହ ହୋଇଥାନ୍ତେ, ସମ୍ଭବତଃ ହିନ୍ଦୁ-ମୁସଲିମ ମଧ୍ୟରେ ବିଦ୍ୱେଷ ବଳ ପାଇ ନଥାନ୍ତା। ଆଜମେର ରହଣି ଅବସରରେ ଅନେକ ଥର ଦରଗାହ ଯାଇଛି; କଥାବାର୍ତ୍ତା ବେଳେ ଶ୍ରଦ୍ଧାଳୁ କହନ୍ତି, ଏହା ଭାରତର 'ମକ୍କା'; ଅନ୍ତତଃ ବର୍ଷକୁ ଥରଟିଏ ଆସିବାକୁ ପ୍ରତ୍ୟେକେ କାମନା ରଖନ୍ତି। ପୁଣି, ଦୃଶ୍ୟାନ୍ତରରେ ଦେଖିଲେ, ଲୋକଗହଳି ଯୋଗୁଁ ଧନ-ଲୋଲୁପ, ଠକ ଓ ଶଠଙ୍କର ମଧ୍ୟ ଏଠି ରାଜୁତି; ଦରଗାହ ଭିତରେ 'ଖାଦିମ' (ଖ୍ୱାଜାଙ୍କ ପୁରୁଷାନୁକ୍ରମିକ ଉନ୍ନରାଧିକାରୀ) ଓ ଦରଗାହ ବାହାରେ ଭିଖାରିଙ୍କ ନାହିଁ ନ ଥିବା ପ୍ରାଦୁର୍ଭାବ; ଲାଗେ, ଏମାନଙ୍କୁ ଦେଖି ଖ୍ୱାଜାଙ୍କ ମୁଣ୍ଡ ଗ୍ଲାନିରେ ତଳକୁ ହେଇଯାଉଥିବ! ହେଲେ, ପ୍ରାୟ ସମସ୍ତ ଧର୍ମପୀଠରେ ଏହି ସମସ୍ୟା। ମୂର୍ତ୍ତିପୂଜାର ବିରୋଧ କରୁଥିବା ଗୌତମ ବୁଦ୍ଧ ପର ସମୟରେ ନିଜେ ଏକ ମୂର୍ତ୍ତିରେ ରୂପାନ୍ତରିତ ହେବାର ସମସ୍ୟା! ଧର୍ମକୁ ନେଇ ରାଜନୀତି କରୁଥିବା ଲୋକେ ଧାର୍ମିକ-ସ୍ଥଳୀଗୁଡ଼ିକରେ ସଂସ୍କାର ପାଇଁ ସାମାନ୍ୟ ମୁଖର ହେଲେ କ'ଣ ସମସ୍ୟା ଆୟତ୍ତାଧୀନ ହୁଅନ୍ତା ନାହିଁ ?

## ପ୍ରତିନିଧିତ୍ୱରୁ ସଶକ୍ତିକରଣ ପର୍ଯ୍ୟନ୍ତ

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ମହିଳାମାନଙ୍କ ସଂଖ୍ୟା ପାଖାପାଖି ଅଧା କିନ୍ତୁ ରାଜନୀତିରେ ସେମାନଙ୍କ ପ୍ରତିନିଧିତ୍ୱ ସୀମିତ ରହିଛି। ଏହି ଅସନ୍ତୁଳନକୁ ଦୁର କରିବା ପାଇଁ କେନ୍ଦ୍ର ସରକାର ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂସଦରେ ଆଗତ କରିଥିଲେ। ଏହି ଅଧିନିୟମ ବା ବିଧେୟକ ସଂସଦର ଉଭୟ ସଦନ (ରାଜ୍ୟସଭା ଓ ଲୋକସଭା)ରେ ଗୃହୀତ ହୋଇପାରିନାହିଁ। ଏହା ଏକ ଐତିହାସିକ ପଦକ୍ଷେପ ହୋଇଥା'। ନିଶ୍ଚୟ। ଏହି ଅଧିନିୟମରେ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣର ପ୍ରାବଧାନ ରହିଥିଲା। ଏହି ଅଧିନିୟମ ଗୃହୀତ ହୋଇନଥିଲା ମଧ୍ୟ ୨୦୨୩ରେ ସଂସଦରେ ଗୃହୀତ ବିଧେୟକକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି। ଏହା କେବଳ ଆସନ ସଂରକ୍ଷଣ ନୁହେଁ ବରଂ ଗଣତନ୍ତ୍ରକୁ ଅଧିକ ସମାବେଶୀ କରିବା ଦିଗରେ ଏକ ମହତ୍ତ୍ୱପୁର୍ଣ୍ଣ ପଦକ୍ଷେପ ହୋଇଥାନ୍ତା। ଯଦି ମହିଳାମାନେ ନୀତି ନିର୍ମାଣରେ ଅଧିକ ସଂଖ୍ୟାରେ ସାମିଲ ହେବେ ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଏବଂ ସାମାଜିକ ସୁରକ୍ଷା ଭଳି ପ୍ରସଙ୍ଗରେ ଅଧିକ ସମ୍ବେଦନ ଶୀଳ ଏବଂ ପ୍ରଭାବୀ ନିର୍ଣ୍ଣୟ ନିଆଯାଇ ପାରିବ। ଯଦିଓ ଏହି ଅଧିନିୟମ ସଂସଦର ଉଭୟ ସଦନରେ ଗୃହୀତ ହୋଇନାହିଁ କିନ୍ତୁ ଏହାର କାର୍ଯ୍ୟକାରୀତା ଜନଗଣନା ଏବଂ ପରିସୀମନର ପ୍ରକ୍ରିୟା ସହ ଯୋଡି ହୋଇ ରହିଛି। ଅର୍ଥାତ୍ ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପାଇଁ ସମୟ ଲାଗିପାରେ। ଏହି ବିଳମ୍ବ କେଉଁଠି ନା କେଉଁଠି ଏହାର ତତ୍କାଳ ପ୍ରଭାବଶୀଳତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। କେବଳ ଆଇନ ପ୍ରଣୟନ ହୋଇଗଲେ ମହିଳା ମାନଙ୍କ ପ୍ରତିନିଧିତ୍ୱ ଯେ ବଢିଯିବ ତା ନୁହେଁ। ଆଇନର ପ୍ରଣୟନ ହେଲେ ମଧ୍ୟ ଏହାର କାର୍ଯ୍ୟକାରୀତାକୁ ନେଇ ଅନେକ ବାଧା ରହିଛି। ଏବେବି ସମାଜରେ ପିତୃସତ୍ତାତ୍ମକ ବିଚାର ଓ ମାନସିକତା ରହିଛି। ରାଜନୈତିକ ଦଳଙ୍କ ଟିକେଟ ବିତରଣରେ ଅସମାନତା, ନିର୍ବାଚନୀ ଖର୍ଚ୍ଚ ଭଳି ପ୍ରସଙ୍ଗ ମଧ୍ୟ ଏ ଦିଗରେ ବାଧକ ସାଜିପାରେ। ଏଣୁ ରାଜନୈତିକ ଦଳମାନେ ମହିଳା ମାନଙ୍କୁ ଆଗକୁ ବଢ଼ାଇବା ପାଇଁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହି ନାରୀ ଶକ୍ତି ବନ୍ଦନ ଅଧିନିୟମ ରାଜନୈତିକ ଦଳମାନଙ୍କ ବାସ୍ତବିକ ପ୍ରତିବଦ୍ଧତା ପାଇଁ ଏକ ପରିକ୍ଷାର ନିଶ୍ଚୟ। ରାଜନୈତିକ ଦଳ ମାନେ କ'ଣ କେବଳ ମହିଳାଙ୍କ ପାଇଁ ଆରକ୍ଷିତ ଆସନରେ ସୀମିତ ରହିଯିବେ ନା ସାଧାରଣ ଆସନରେ ମଧ୍ୟ ମହିଳା ମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବେ ? ଏହା ହିଁ ଆଇନ୍‌ର ସଫଳତାର ଅସଲ ପରୀକ୍ଷା ହେବ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାରତୀୟ ଗଣତନ୍ତ୍ରକୁ ଅଧିକ ନ୍ୟାୟପୁର୍ଣ୍ଣ ଏବଂ ସନ୍ତୁଳିତ କରିବା ଦିଗରେ ଏକ ମାଇଲଖୁଟଂ ସଦୃଶ। କିନ୍ତୁ ଏହାର ସଫଳତା କେବଳ ଆଇନ୍ ପ୍ରଣୟନ ହେଲେ ସମ୍ଭବ ନୁହେଁ ଆଇନ୍‌ର ପ୍ରଭାବୀ କ୍ରିୟାନ୍ୱୟନ ଏବଂ ସାମାଜିକ ମାନସିକତାରେ ପରିବର୍ତ୍ତନ ଉପରେ ନିର୍ଭର କରେ। ଯଦି ଆଇନ୍ ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ତେବେ ଏହା ଭାରତୀୟ ରାଜନୀତିରେ ମହିଳା ମାନଙ୍କ ଭୂମିକାକୁ ଶୀର୍ଷରେ ପହଚାଂଇ ପାରିବ। ସଂସଦ ଏବଂ ରାଜ୍ୟ ମାନଙ୍କର ବିଧାନସଭା ମାନଙ୍କରେ ମହିଳାଙ୍କ ପ୍ରତିନିଧିତ୍ୱ ସିମୀତ ରହିବାକୁ କେବଳ ଅସମାନତା କୁହା ଯାଇ ପାରିବ ନାହିଁ ବରଂ ଏହା ଗଣତନ୍ତ୍ରର ଗୁଣବତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେତେବେଳେ ନିର୍ଣ୍ଣୟ ନେଉଥିବା ସଂସ୍ଥା ମାନଙ୍କରେ ମହିଳାଙ୍କ ଭାଗିଦାରୀ କମ୍ ହୋଇଥାଏ ସେତେବେଳେ ଆଇନ୍ ବା ନୀତିରେ ସେମାନଙ୍କ ଆବଶ୍ୟକତା ଏବଂ ଦୃଷ୍ଟିକୋଣର ସମୁଚିତ ପ୍ରତିବିମ୍ବ ଦେଖାଯିବ କିପରି ? ଭାରତରେ ମହିଳାମାନଙ୍କର ରାଜନୀତିରେ ଭାଗିଦାରୀର ଇତିହାସ ରହିଛି। ଅନେକ ସଂଘର୍ଷ ପରେ ଧିରେ ଧିରେ ମହିଳାଙ୍କ ଭାଗିଦାରୀ ବଢ଼ିବାରେ ଲାଗିଛି। ପଚାଂୟତ ଠାରୁ ନଗରନିଗମ ପର୍ଯ୍ୟନ୍ତ ୩୩ ପ୍ରତିଶତ ଆରକ୍ଷଣ ନିଶ୍ଚିତ ଭାବରେ ମହିଳାଙ୍କ ଭାଗିଦାରୀ ବଢ଼ାଇଛି। ଗ୍ରାମାଚଂଳରେ ମଧ୍ୟ ମହିଳାଙ୍କ ନେତୃତ୍ୱ ବଢ଼ିଛି ହେଲେ ରାଷ୍ଟ୍ରୀୟ ଗୋପାଳ ମହାପାତ୍ର ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ସ୍ଥିତି ବା ମହିଳାଙ୍କ ଭାଗିଦାରୀ ବଢିପାରିନାହିଁ। ସଂସଦରେ ମଧ୍ୟ ମହିଳାଙ୍କ ସଂଖ୍ୟା କମ। ଏଥିରୁ ସ୍ପଷ୍ଟ ଯେ ରାଜନୈତିକ ଦଳମାନେ ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଉନାହାଁନ୍ତି। ଏହି ଅସନ୍ତୁଳନ ପଛରେ ଅନେକ କାରଣ ରହିଛି ଯଥା - ସାମାଜିକ ରୁଢ଼ିବାଦୀତା, ଆର୍ଥୀକ ନିର୍ଭରତା, ଶିକ୍ଷା ଏବଂ ସୁବିଧା ସୁଯୋଗର ଅଭାବ ଓ ରାଜନୀତିରେ ଅପରାଧିକରଣ ବୃଦ୍ଧି ସାଙ୍ଗକୁ ଧନବଳ। ଅନେକ କ୍ଷେତ୍ରରେ ନିର୍ବାଚନ ଲଢିବା ପାଇଁ ମହିଳା ମାନଙ୍କୁ ଆବଶ୍ୟକ ସଂସାଧନ ଏବଂ ସମର୍ଥନ ମିଳି ନଥାଏ। ରାଜନୈତିକ ଦଳମାନେ ମଧ୍ୟ ମହିଳା ମାନଙ୍କୁ ୱିନିଙ୍ଗ କ୍ୟାଣ୍ଡିଡ଼େଟ ବା ନିଶ୍ଚିତ ଭାବେ ଜିତିବା ପ୍ରାର୍ଥୀ ବୋଲି ଭାବୁନାହାଁନ୍ତି। ଟିକେଟ ବଟସନ କ୍ଷେତ୍ରରେ ମଧ୍ୟ ରାଜନୈତିକ ଦଳମାନେ ମହିଳାଙ୍କ ସହ ଭେଦଭାବ କରୁଛନ୍ତି। ଯାହାବି ହେଉ ଏବେ ୨୦୨୩ର ମହିଳା ଆରକ୍ଷଣ ଆଇନ୍ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତାହା ମହିଳା ମାନଙ୍କ ମନରେ ଆଶାର ସଚାଂର କରିଛି। ସଂସଦ ଓ ବିଧାନ ସଭାରେ ମହିଳାଙ୍କ ନେତୃତ୍ୱ ବଢ଼ିଲେ ନୀତି ନିର୍ମାଣରେ ସନ୍ତୁଳନ ଆସିବ। କେବଳ ଆରକ୍ଷଣ ସମାଧାନ ନୁହେଁ। ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଶିକ୍ଷା, ଆର୍ଥୀକ ସ୍ୱାଧିନତା ଏବଂ ସାମାଜିକ ବିଚାରଧାରାର ପରିବର୍ନ୍ନନ ଆବଶ୍ୟକ। ସମାଜକୁ ମଧ୍ୟ ମହିଳାଙ୍କ ନେତୃତ୍ୱକୁ ସ୍ୱୀକାର କରିବାର ମାନସିକତା ଆପଣେଇବାକୁ ପଡିବ। ଏକ ସଶକ୍ତ ଗଣତନ୍ତ୍ର ତାକୁ କୁହାଯାଏ ଯେଉଁଠାରେ ସବୁବର୍ଗର ସ୍ୱରକୁ ସମାନ ଭାବରେ ଶୁଣାଯାଏ। ମହିଳାମାନଙ୍କ ଭାଗିଦାରୀ ବଢ଼ିବା କେବଳ ସେମାନଙ୍କ ଅଧିକାର ନୁହେଁ, ଏହା ସମଗ୍ର ବିକାଶ ଏବଂ ଉନ୍ନମ ଶାସନ ବ୍ୟବସ୍ଥା ପାଇଁ ଅନିବାର୍ଯ୍ୟତା।

## ଅସ୍ତିତ୍ୱ ସଂକଟ

ରାଷ୍ଟ୍ର ସହିତ ଅଙ୍ଗାଙ୍ଗୀ ହୋଇଥିବାର ଦୃଢ଼ ପ୍ରମାଣ ସ୍ୱରୂପ ସେମାନଙ୍କ ପାଖରେ ଥାଏ ଆହାର ଯୋଗାଉଥିବା ରାସନ କାର୍ଡ, କାର୍ଯ୍ୟ ଓ ଉପାର୍ଜନ ଦେଉଥିବା ଜବ୍ କାର୍ଡ, ପରିଚୟ ଦେଉଥିବା ଆଧାର କାର୍ଡ ଇତ୍ୟାଦି! ଯଦି ସେମାନଙ୍କ ନାଗରିକତ୍ୱ ସାବ୍ୟସ୍ତ ଲାଗି ରାଷ୍ଟ୍ର ବା ପ୍ରଶାସନ ସକାଶେ ସେ ସବୁ ଯଥେଷ୍ଟ ନ ହୁଏ, ତେବେ ସେମାନେ ଆଉ କେଉଁ ମୂଳ ନଥିକୁ ଫେରିବେ ? ଗଲା ଗୁରୁବାର ଦିନ ଯେଉଁ ଗୋଟିଏ ପ୍ରସଙ୍ଗ ଲୋକକ୍ଷେତ୍ରରେ ତୁମୂଳ ବିତର୍କର ସୂତ୍ରପାତ ଘଟାଇଛି, ତାହା ହେଲା ବେ ?ଦେଶିକ ବ୍ୟାପାର ମନ୍ତ୍ରାଳୟର ଜଣେ ଶୀର୍ଷ ସ୍ଥାନୀୟ ଅଧିକାରୀଙ୍କ ମନ୍ତବ୍ୟ ଯେ ପାସପୋର୍ଟ ଏକ 'ଟ୍ରାଭେଲ ଡକୁମେଂଟ' ବା ଯାତ୍ରା ନଥି ମାତ୍ର; ଏହା ନାଗରିକତ୍ୱର ପ୍ରମାଣପତ୍ର ନୁହେଁ। ଏହି ମନ୍ତବ୍ୟ ତିନି ପ୍ରକାର ପ୍ରଶ୍ନ ବିଜଡ଼ିତ ପ୍ରତିକ୍ରିୟା ସୃଷ୍ଟି କରିଛି : ପ୍ରଥମଟି ହେଲା, ଜଣେ ଭାରତୀୟ ତା'ର ପରିଚୟ, ଆବାସ ଓ ଆଚରଣ ଇତ୍ୟାଦିକୁ ଟିକିନିଖି ଯାଚଂର ସମ୍ମୁଖୀନ କରାଇ ଖାଟିଂ ନାଗରିକ ରୂପେ ଲାଭ କରିଥିବା ପାସପୋର୍ଟ ନାଗରିକତ୍ୱର ପ୍ରମାଣ ପତ୍ର ହେବ ନାହିଁ କାହିଁକି ? ଦ୍ୱିତୀୟରେ, ଜଣେ ଭାରତୀୟଙ୍କ ପରିଚୟ, ବଂଶାନୁକ୍ରମ ଓ ଜାତୀୟତା ଆଦିକୁ ସ୍ୱୀକୃତି ପ୍ରଦାନ କରୁଥିବା ଭୋଟର କାର୍ଡ, ଆଧାର ପ୍ରମାଣ ପତ୍ର, ରାସନ କାର୍ଡ ଭଳି ଅନ୍ତତଃ ଛଅ ପ୍ରକାର ଦସ୍ତାବେଜ ମହଜୁଦ ଥିବାବେଳେ ନାଗରିକତ୍ୱର ଆଉ କେଉଁ ପ୍ରମାଣ ପତ୍ରର ଆବଶ୍ୟକତା ରହିଥାଏ ? ତୃତୀୟଟି ହେଲା, ସ୍ୱାଧୀନତାର ୭୯ ବର୍ଷ ଅତିକ୍ରାନ୍ତ ହୋଇଯିବା ପରେ ମଧ୍ୟ ନାଗରିକତ୍ୱର ପ୍ରାମାଣିକତା ଭଳି ସଂଦର୍ଭକୁ ଅଧିକରୁ ଅଧିକ ଜଟିଳ ଓ ଅସ୍ପଷ୍ଟ କରି ଦିଆଯାଉଛି କାହିଁକି ? ଅବଶ୍ୟ, ଏହା ସତ ଯେ ୨୦୧୩ ମସିହାରେ ମୁମ୍ବାଇ ହାଇକୋର୍ଟ ଏବଂ ଅନ୍ୟାନ୍ୟ ବିଭିନ୍ନ ରାୟରେ ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ କୁହାଯାଇସାରିଛି ଯେ ଭାରତୀୟମାନେ ବ୍ୟବହାର କରୁଥିବା ପାସପୋର୍ଟ ସମେତ ଅନ୍ୟାନ୍ୟ କାର୍ଡମାନ କେବଳ ସୁନିର୍ଦ୍ଦିଷ୍ଟ ବ୍ୟବହାର ସକାଶେ ଉଦ୍ଦିଷ୍ଟ, ଯେମିତି ଭୋଟ ଦାନ ସକାଶେ ଭୋଟର କାର୍ଡ ବା ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ହେବା ଲାଗି ରାସନ କାର୍ଡ ଇତ୍ୟାଦି; ଏ ସବୁ କିନ୍ତୁ ନାଗରିକତ୍ୱର ପ୍ରମାଣ ପତ୍ର ନୁହନ୍ତି। ପାସପୋର୍ଟ ଆଇନ (୧୯୬୭) ଅନୁସାରେ କେବଳ ଭାରତୀୟ ନାଗରିକମାନଙ୍କୁ ଏହା ପ୍ରଦାନ କରାଯାଉଥିବା ବେଳେ ସ୍ଥଳ ବିଶେଷରେ କଦବା କ୍ୱଚିତ୍ ସେଭଳି ବିଦେଶାଗତମାନଙ୍କୁ ମଧ୍ୟ ନିଆଯାଇଥାଏ, ଯେଉଁମାନେ ହୁଏତ ଘଟଣା ଚକ୍ରରେ ଭାରତରେ ଅଟକି ଯାଇଛନ୍ତି ବା ସେହିଭଳି କିଛି ସ୍ୱର୍ଶକାତର କାରଣ! ଅର୍ଥାତ୍, ସରକାରଙ୍କ ଦୃଷ୍ଟିରେ ପାସପୋର୍ଟକୁ ନାଗରିକତ୍ୱର ଅବିଭାଜ୍ୟ ପ୍ରମାଣ ସ୍ୱରୂପ ଉପସ୍ଥାପନ କରାଯାଇପାରିବ ନାହିଁ। କିନ୍ତୁ ପ୍ରଶ୍ନ ଉଠିଥାଏ ଯେ କୌଣସି ବ୍ୟକ୍ତିଙ୍କ ଜାତୀୟତା ଯଦି ତାଙ୍କ ପାସପୋର୍ଟରେ 'ଭାରତୀୟ' ବୋଲି ଉଲ୍ଲିଖିତ ଥାଏ, ତେବେ ସନ୍ଦେହର କାରଣ କେଉଁଠି ? ଏବଂ ଦ୍ୱିତୀୟ ପ୍ରଶ୍ନଟି ହେଲା, ଯେଉଁ ଏକମାତ୍ର ଦସ୍ତାବେଜ ବିଦେଶ ଭୂମିରେ ମଧ୍ୟ ଭାରତୀୟମାନଙ୍କ ଜାତୀୟତା ଓ ନାଗରିକତ୍ୱର ପ୍ରମାଣପତ୍ର ହୋଇଥାଏ, ତାହା ସ୍ୱଦେଶରେ ଅଯୋଗ୍ୟ ହୋଇଯିବ କେମିତି ? ଏହି ସବୁ ପ୍ରଶ୍ନର ଯଥାର୍ଥତା ସତ୍ତ୍ୱେ, ଉଚ୍ଚ ଅଦାଲତଗୁଡ଼ିକର ନିଷ୍କର୍ଷମାନରୁ ଯାହା ହୃଦ୍ ?ବୋଧ କରି ହୁଏ, ତାହା ହେଲା ଭାରତର କୌଣସି ଅଧିବାସୀଙ୍କ ନାଗରିକତ୍ୱ ନେଇ ପ୍ରଶ୍ନ ବା ଦ୍ୱନ୍ଦ୍ୱ ଉପୁଜିଲେ ଅନେକ ସମୟରେ ସେହି ମୂଳ ନଥି ନିକଟରେ ପହଚିଂବା ଆବଶ୍ୟକ, ଯାହା ୧୯୫୦ ମସିହା ପରେ ସେ ଭାରତରେ ଭୂମିଷ୍ଠ ହୋଇଥିବାର ମୂଳ ପ୍ରମାଣ ହୋଇଥିବ, ଯେମିତି କି ତାଙ୍କ ଜନ୍ମ ପ୍ରମାଣ ପତ୍ର। ଅପର ପକ୍ଷେ ଭାରତୀୟ ମୂଳୋଦ୍ଭବ ହୋଇ ନ ଥିବା କୌଣସି ବ୍ୟକ୍ତି ବା କୌଣସି ଅଚଯଳ ଭାରତ ସାଧାରଣତନ୍ତ୍ରରେ ସମ୍ମିଶ୍ରିତ ହୋଇଯିବା କାରଣରୁ ସେହି ଅଚଂଳର ଅଧିବାସୀଗଣ ଯଦି ନାଗରିକ ଭାବେ ପଞ୍ଜୀକୃତ ହେବା ଲାଗି ଆବେଦନ କରି ସାର୍ଟିଫିକେଟ ଲାଭ କରିଥାଆନ୍ତି, ତେବେ ସେହି ଏକମାତ୍ର ଦସ୍ତାବେଜ ସେମାନଙ୍କ ନାଗରିକତ୍ୱର ସ୍ୱୀକୃତି ପତ୍ର ହୋଇଥାଏ। ବିଡ଼ମ୍ବନାଟି ଏଇଠି! ଏହି ଭୂଖଣ୍ଡରେ ବଂଶାନୁକ୍ରମିକ ଭାବେ ପୁରୁଷ ପୁରୁଷ ଧରି ରହି ଆସିଥିବା ଭାରତୀୟ ମୂଳୋଦ୍ଭବମାନେ ସେମାନଙ୍କ ଜାତି, ଜନ୍ମ, ଆବାସ, ଅଧିକାର (ଭୋଟ ଦାନ), କାର୍ଯ୍ୟ ଆଦିକୁ ସାବ୍ୟସ୍ତ କରିବା ଲାଗି ଦସ୍ତାବେଜର ଜଙ୍ଗଲ ଭିତରେ ରହୁଥିଲେ ହେଁ ସେମାନଙ୍କ ନାଗରିକତ୍ୱର ପୁଷ୍ଟି ସକାଶେ ଆହୁରି କିଛି ଦୁର୍ବୋଧ ଦସ୍ତାବେଜର ହୁଏତ ଆବଶ୍ୟକତା ପଡ଼ିପାରେ! ସଂପ୍ରତି, ଅନୁପ୍ରବେଶକାରୀଙ୍କ ବିତାଡ଼ନ ଓ ପ୍ରକୃତ ନାଗରିକଙ୍କ ଚିହ୍ନଟ ନେଇ ସୃଷ୍ଟ ତୀବ୍ର ରାଜନୈତିକ ଉଚ୍ଚାଟ ଓ ତଜ୍ଜନିତ ଉନ୍ମତ୍ତ ବାତାବରଣରେ ନାଗରିକତ୍ୱର ପ୍ରାମାଣିକତାକୁ ନେଇ ଅସ୍ପଷ୍ଟତା ସ୍ୱାଭାବିକ ଭାବେ ଅତ୍ୟନ୍ତ ବିଚଳିତକର ହୋଇଥାଏ, ତେଣିକି ସେମାନେ ସ୍ୱଚ୍ଛଳ ଓ ପ୍ରଭାବଶାଳୀ ଭାରତୀୟ ପାସପୋର୍ଟଧାରୀ (ଜନସଂଖ୍ୟାର ମାତ୍ର ୧୦%) ହୋଇ ଥାଆନ୍ତୁ ନା କାହିଁକି ? ଏବଂ ଦରିଦ୍ର, ଭୂମିହୀନ, ବାସହୀନ, ଉଦ୍‌ବାସ୍ତୁ, ଅଶିକ୍ଷିତ ବା ସ୍ୱଳ୍ପ ଶିକ୍ଷିତ, ଉପାର୍ଜନ ସକାଶେ ଅହରହ ବିଚରଣଶୀଳ ପ୍ରାୟ ୬୦ ଶତାଂଶ ଭାରତୀୟଙ୍କ ସକାଶେ ଏଭଳି ଅସ୍ପଷ୍ଟତା କେବଳ ତୀବ୍ର ଉଦ୍‌ବେଗ ନୁହେଁ, ଘୋର ଅସ୍ତିତ୍ୱ ସଂକଟକୁ ମଧ୍ୟ ଜନ୍ମ ଦେଇଥାଏ! ଆମ ଦେଶରେ ସପ୍ତମ ଦଶକ ବା ତା' ପୂର୍ବରୁ ଭୂମିଷ୍ଠମାନଙ୍କ ସକାଶେ 'ବାର୍ଥ ସାର୍ଟିଫିକେଟ' ନ ଥାଏ; ଯାହାର ବିକଳ୍ପ ହୁଏତ ଦଶମ ଶ୍ରେଣୀ ଉତୀର୍ଣ୍ଣ ହୋଇଥିବାର ସାର୍ଟିଫିକେଟ, ଯାହା ଜନ୍ମ ତାରିଖର ପ୍ରମାଣ ବହନ କରିଥାଏ। କିନ୍ତୁ, ଅଗଣିତ ଭାରତୀୟଙ୍କ ଶିକ୍ଷାଗତ ସ୍ତର ଦଶମ ତଳେ! ସେମିତି ଅକଳନ୍ତି ଭୁମିହୀନ ଓ ବିସ୍ଥାପିତଙ୍କ ପାଖରେ ଜମି ପଟ୍ଟା ବା 'ଲିଗାଲ ହେର' ବା 'ଆଇନଗତ ଉନ୍ନରାଧିକାରୀ' ସାର୍ଟିଫିକେଟ ନ ଥାଏ; ଯହିଁରେ ସେମାନଙ୍କ ବଂଶ ବୃକ୍ଷର ଆହୁରି ମୂଳକୁ ଯାଇ ସେମାନଙ୍କ 'ମୂଳୋଦ୍ଭବତା'କୁ ପ୍ରଶାସନ ଦେଖି ପାରନ୍ତା! ଅଥଚ, ରାଷ୍ଟ୍ର ସହିତ ଅଙ୍ଗାଙ୍ଗୀ ହୋଇଥିବାର ଦୃଢ଼ ପ୍ରମାଣ ସ୍ୱରୂପ ସେମାନଙ୍କ ପାଖରେ ଥାଏ ଆହାର ଯୋଗାଉଥିବା ରାସନ କାର୍ଡ, କାର୍ଯ୍ୟ ଓ ଉପାର୍ଜନ ଦେଉଥିବା ଜବ୍ କାର୍ଡ, ପରିଚୟ ଦେଉଥିବା ଆଧାର କାର୍ଡ ଇତ୍ୟାଦି! ଯଦି ସେମାନଙ୍କ ନାଗରିକତ୍ୱ ସାବ୍ୟସ୍ତ ଲାଗି ରାଷ୍ଟ୍ର ବା ପ୍ରଶାସନ ସକାଶେ ସେ ସବୁ ଯଥେଷ୍ଟ ନ ହୁଏ, ତେବେ ସେମାନେ ଆଉ କେଉଁ ମୂଳ ନଥିକୁ ଫେରିବେ ? କହିବା ବାହୁଲ୍ୟ, ଅନେକ ପ୍ରମାଣ ପତ୍ର ଥିବା ସତ୍ତ୍ୱେ ଏଭଳି ଅସଂଖ୍ୟ ଅଶରୀରୀ ନାଗରିକଙ୍କୁ ଅଚିରେ ନାକଚ ବା ନିଶ୍ଚିହ୍ନ ମଧ୍ୟ କରି ଦିଆଯାଇପାରେ! ଏହା ହେଉଛି ଅସ୍ତିତ୍ୱ ସଂକଟର ମୂଳ କାରଣ! ନିକଟରେ ବିହାର ଓ ପଶ୍ଚିମବଙ୍ଗରେ ଆୟୋଜିତ ଏସ.ଆଇ.ଆର. ପ୍ରକ୍ରିୟାରେ ପ୍ରାୟ ଅଧ କୋଟିରୁ ଅଧିକ ଲୋକ ବାଦ ପଡ଼ିଗଲେ, ଯେଉଁମାନଙ୍କ ଠାରେ ଭୋଟ ପରିଚୟ ପତ୍ର ଥିବା ସତ୍ତ୍ୱେ ସେମାନଙ୍କ ନାମ ଦୁର୍ବୋଧ ଭାବେ ଭୋଟର ଲିଷ୍ଟରୁ କଟି ଯାଇଥିଲା; ଯେଉଁ କ୍ରମରେ ନାଗରିକତ୍ୱର ଏକ ମୌଳିକ ଅଧିକାର (ଭୋଟ ଦାନ) ସେମାନଙ୍କଠାରୁ ଛିନ୍ନ ହୋଇଗଲା। ସେମାନଙ୍କ ଆପତ୍ତି ଦୁର୍ଭେଦ୍ୟ ବ୍ୟବସ୍ଥା ସମକ୍ଷରେ ସ୍ୱରହୀନ ହୋଇଗଲା। ଏଭଳି ସ୍ଥିତିରେ ଅସହାୟତା, ଭୟ ଓ ଉଦ୍‌ବେଗ ସେମାନଙ୍କୁ ଜଡ଼ସଡ଼ କରୁଥିବ ନିଶ୍ଚୟ। ଏତିକି ବେଳେ ସ୍ମରଣକୁ ଆସେ ଫ୍ରାନ୍‌ଜ କାଫକାଙ୍କ ସେହି ଅବିସ୍ମରଣୀୟ ଉପନ୍ୟାସ 'ଦ ଟ୍ରାଏଲ', ଯେଉଁ ଚିତ ଦହନକାରୀ କାହାଣୀରେ ବର୍ଣ୍ଣିତ ଅଛି କିଭଳି ଗଳ୍ପର ନାୟକ ଜୋସେଫ କେ., ସେ ଜାଣି ନ ଥିବା ଏକ ଅପରାଧ ଲାଗି ମକଦ୍ଦମାରେ ଛନ୍ଦି ହୋଇପଡ଼େ; ତା'ର ଅପରାଧ କ'ଣ ?, ବିଚାରକ କିଏ ?, ବିଚାର କେଉଁ ଦିଗକୁ ଯାଉଛି ? ଇତ୍ୟାଦିକୁ ନେଇ ତା'ର ଅସଂଖ୍ୟ ପ୍ରଶ୍ନ କାହାର ହେଲେ କର୍ଣ୍ଣଗୋଚର ହୁଏ ନାହିଁ। ତାକୁ ଗିରଫ କରାଯାଇ ନ ଥାଏ ସତ, କିନ୍ତୁ ଅଜ୍ଞାତ ଅପରାଧ ଲାଗି ଚାଲିଥିବା ଦୁର୍ବୋଧ ମକଦ୍ଦମାର ଚାପରେ ଜୋସେଫ କେ. ଭଳି ଜଣେ ଆକର୍ଷଣୀୟ ବ୍ୟକ୍ତି କ୍ରମେ ସ୍ଥବିର, କ୍ଲୀବ ଓ ସଂପୂର୍ଣ୍ଣ ନିସ୍ପୃହ ହୋଇଯାଏ। କାହାଣୀ ଶେଷ ହୁଏ ଯେତେବେଳେ ଅଜଣା ଅଦାଲତର ଆଦେଶରେ ଙ୍କସେଇ ଛୁରୀ ସହିତ ଦୁଇ ଘାତକ ତା' ଘରେ ପହଚିଂ ସନ୍ତର୍ପଣରେ ତାକୁ ଏକ ବଧ ଭୂମିକୁ ଘେନି ଯାଇ ମୃତ୍ୟୁଦଣ୍ଡ ଦିଅନ୍ତି; ଶେଷ ପର୍ଯ୍ୟନ୍ତ ଜୋସେଫ କେ. ଲାଗି ତା' ଅପରାଧ ଅଜ୍ଞାତ ହୋଇ ରହିଯାଏ। କାଫକାଙ୍କ କାହାଣୀ ସଂକେତଧର୍ମୀ। ଦୁର୍ଭେଦ୍ୟ, ଦୁର୍ବୋଧ ଓ ଅମାପ କ୍ଷମତାଶାଳୀ ବ୍ୟବସ୍ଥା ଆଗରେ ସଂପୂର୍ଣ୍ଣ ନିରୁପାୟ ହୋଇ ପଡୁଥିବା ପ୍ରତ୍ୟେକ ସାଧାରଣ ମନୁଷ୍ୟ ଜଣେ ଜଣେ ଯୋସେଫ କେ.। ଏହା ହିଁ ଅସ୍ତିତ୍ୱ ସଂକଟ ଓ ଭୟର କାରଣ!

## ସଫଳ ସଇତାନ



ଡକ୍ଟର ଫିଲିପ୍‌ସ ତାଙ୍କ ପୋଷ୍ଟରେ ବିଭିନ୍ନ ବୈଜ୍ଞାନିକ ଗବେଷଣାପ୍ରସୂତ ତଥ୍ୟକୁ ଆଧାର କରି ଦର୍ଶାଇଛନ୍ତି ଯେ କୌଣସି ବି ମାତ୍ରାରେ ମଦ୍ୟପାନ ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ, ତାହା ଯେତେ ସାମାନ୍ୟ ହୋଇଥାଉ ନା କାହିଁକି। ସେ ମଧ୍ୟ ମଦ୍ୟପାନର ଭୟଙ୍କର ସାମାଜିକ କୁପରିଣାମମାନ ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ଭୁଲି ନାହାନ୍ତି। ଗଣମାଧ୍ୟମରେ ପ୍ରକାଶିତ ଏ ସଂପର୍କିତ ଉଦାହରଣମାନଙ୍କୁ ଉଦ୍ଧାର କରି ସେ ଲେଖିଛନ୍ତି, "ମଦ୍ୟପାନ ମଧ୍ୟ ହେଉଛି ଏକ ସାମାଜିକ ବିଷ। ଏହା ଲୋକଙ୍କୁ ସମାଜ ପ୍ରତି ଏକ ଆତଙ୍କରେ ପରିଣତ ହେବା ପାଇଁ ପ୍ରବୃନ୍ତ କରିଥାଏ, ପ୍ରାଣ ନାଶ ଘଟାଇଥାଏ, ପରିବାରକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥାଏ।" ସୋସିଆଲ୍ ମିଡିଆରେ ସକ୍ରିୟ ଥିବା କେରଳ ଜନ୍ମିତ ଯକୃତ୍ ବିଶେଷଜ୍ଞ ଡକ୍ଟର ସିରିଆକ୍ ଆବି ଫିଲିପ୍‌ସ ତାଙ୍କର ସୋସିଆଲ୍ ମିଡିଆ ହାଣ୍ଡଲ ଅନୁସାରେ ତାଙ୍କର ଅଗଣିତ ଅନୁଗାମୀମାନଙ୍କ ନିକଟରେ 'ଦି ଲିଭର ଡକ୍' ରୂପେ ସୁପରିଚିତ। ଏବେ ସେ 'ଏକ୍ସ' (ପୂର୍ବତନ 'ଟ୍ୱିଟର')ରେ ପ୍ରସାରିତ କରିଥିବା ଏକ ଦୀର୍ଘ ପୋଷ୍ଟ ସୋସିଆଲ୍ ମିଡିଆ ଦୁନିଆରେ ପ୍ରବଳ ଚାଂଚଲ୍ୟ ସୃଷ୍ଟି କରିବାରେ ଲାଗିଛି। 'ଦି ଲିଭର ଡକ୍'ଙ୍କର ଏହି ପୋଷ୍ଟ ହେଉଛି ସେଇ ସୋସିଆଲ୍ ମିଡିଆରେ ନିକଟରେ ପ୍ରସାରିତ ହୋଇଥିବା କେତେଜଣ ଜଣାଶୁଣା ବ୍ୟବସାୟପତିମାନଙ୍କର ଏକ ଆଲୋଚନା ବହନ କରୁଥିବା ସନ୍ଦେଶ ବିରୁଦ୍ଧରେ ତାଙ୍କର ବିଶେଷ ଜ୍ଞାନ ଓ ଅନୁଭୂତିଭିତ୍ତିକ ପ୍ରତିକ୍ରିୟା। ସେଇ ବ୍ୟବସାୟୀ ଗୋଷ୍ଠୀର ଆଲୋଚନାର ବିଷୟବସ୍ତୁ ଥିଲା- ମଦ୍ୟପାନ। ସେମାନଙ୍କ ଆଲୋଚନାର ସାରମର୍ମ ହେଲା, ସୀମିତ ମାତ୍ରାରେ ମଦ୍ୟପାନ ହେଉଛି ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଶେଷରେ ମଦ୍ୟପାନକାରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଉପଦେଶ ହେଲା- ଦାୟିତ୍ୱପୂର୍ଣ୍ଣ ଭାବରେ ପାନ କର। ଡକ୍ଟର ସିରିଆକ୍ ଫିଲିପ୍‌ସ ଏହାର ପ୍ରତିକ୍ରିୟାରେ ସିଧାସଳଖ କହିଛନ୍ତି ଯେ ସୀମିତ ମାତ୍ରାରେ ମଦ୍ୟପାନକୁ ସ୍ୱାସ୍ଥ୍ୟପ୍ରଦ ବୋଲି ପ୍ରଚାର କରିବା ହେଉଛି ଏକ ଅପରାଧ; ମାନବଜାତି ପ୍ରତି ଏକ ଅପରାଧ। ଡକ୍ଟର ଫିଲିପ୍‌ସ ତାଙ୍କର ସୋସିଆଲ୍ ମିଡିଆ ହାଣ୍ଡଲ ସୂଚାଇବା ଭଳି ହେଉଛନ୍ତି ଜଣେ ଅନୁଭୂତିସଂପନ୍ନ ଲିଭର୍ ରୋଗ ବିଶେଷଜ୍ଞ। ସେ ପ୍ରତିଦିନ ଅନେକ ସଂଖ୍ୟକ ମଦ୍ୟପାନଜନିତ ଲିଭର୍ ବ୍ୟାଧିସବୁ ଦ୍ୱାରା ପୀଡ଼ିତ ରୋଗୀମାନଙ୍କର ଚିକିତ୍ସା କରିଥାନ୍ତି। କେରଳରେ ମଦ୍ୟପାନ ଏକ ବ୍ୟାପକ ସାମାଜିକ ବ୍ୟାଧି ହୋଇଥିବାରୁ ଡକ୍ଟର ଫିଲିପ୍‌ସଙ୍କ ପାଖରେ ସର୍ବଦା ଏଭଳି ରୋଗୀମାନଙ୍କର ଭିଡ଼ ଲାଗିରହିଥାଏ। ସେ ତାଙ୍କର ଏହି ପୋଷ୍ଟରେ ମଦ୍ୟପାନ ଯୋଗୁଁ ଜୀବନ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ରୋଗୀମାନଙ୍କ ସହିତ ତାଙ୍କର ଅନୁଭୂତି ସବୁ ବର୍ଣ୍ଣନା କରିଛନ୍ତି। ଏଥିରେ ସେ ମଧ୍ୟ ମଦ୍ୟପାନର କୁଫଳ ସହିତ ମୁକାବିଲା କରିବାରେ ଧନୀ ଓ ଗରିବ ମଦ୍ୟପ ମଧ୍ୟରେ ପରିଦୃଷ୍ଟ ତଫାତ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଧନୀ ରୋଗୀମାନେ ବ୍ୟୟବହୁଳ ଚିକିତ୍ସା ଓ ଯତ୍ନ ପାଇ ପାରୁଥିବାବେଳେ ଗରିବ ରୋଗୀଟିଏ ଦୁର୍ବିଷହ ଯନ୍ତ୍ରଣାରେ ଆଉଟୁପାଉଟୁ ହେବା ବ୍ୟତୀତ ତା'ର ଅନ୍ୟ ଉପାୟ ନ ଥାଏ। ଡକ୍ଟର ସିରିଆକ୍ ଫିଲିପ୍‌ସ ନିଜର ମର୍ମବେଦନା ପ୍ରକାଶ କରି ଲେଖିଛନ୍ତି ତାଙ୍କୁ କିପରି ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଦିବସରେ ମଦ୍ୟପାନଜନିତ ତୀବ୍ର (ଆକ୍ୟୁଟ୍) ଯକୃତ ବ୍ୟାଧି, ଦୀର୍ଘସ୍ଥାୟୀ (କ୍ରୋନିକ୍) ଯକୃତ ବ୍ୟାଧି ଏବଂ ଦୀର୍ଘସ୍ଥାୟୀ ସହିତ ତୀବ୍ର (ଆକ୍ୟୁଟ୍-ଅନ୍-କ୍ରୋନିକ୍) ଲିଭର୍ ବ୍ୟାଧି ଦ୍ୱାରା ପୀଡ଼ିତ ରୋଗୀମାନଙ୍କର ଅସରନ୍ତି ଧାଡ଼ିର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାକୁ ସେ ଏକ ଅବିରାମ ସଂଗ୍ରାମ ରୂପେ ଅଭିହିତ କରିଛନ୍ତି। ମଦ୍ୟପାନଜନିତ ସ୍ୱାସ୍ଥ୍ୟ ସଂକଟ କିପରି ସଂପୃକ୍ତ ପରିବାର ପାଇଁ ଏକ ଅସହ୍ୟ ଆର୍ଥିକ ତଥା ଆବେଗିକ ବୋଝ ସୃଷ୍ଟି କରିଥାଏ, 'ଦି ଲିଭର ଡକ୍' ତାଙ୍କର ପୋଷ୍ଟରେ ତାହାର ମର୍ମସ୍ପର୍ଶୀ ବର୍ଣ୍ଣନା କରିଛନ୍ତି। ସେ ସେଥିରେ ଲେଖିଛନ୍ତି ରୋଗୀ ଜଣକ ଶେଷରେ ଯାଇ ପଚିଂଛନ୍ତି ଭେଟିଂଲେଟରରେ ଯେଉଁଠୁ ଆଉ ଜୀବନ୍ତ ଫେରିବାର ସମ୍ଭାବନା ନ ଥାଏ ଓ ସେତେବେଳକୁ ତାଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ସର୍ବସ୍ୱାନ୍ତ ହୋଇସାରିଥାଏ। ତୀବ୍ର ମର୍ମବେଦନା ସହକାରେ ଡକ୍ଟର ଫିଲିପ୍‌ସ ଏ କଥା ମନେ ପକାଇ ଦେଇଛନ୍ତି ଯେ ଏମିତିରେ ମଦ୍ୟପାନ ଅଭ୍ୟାସ ଯୋଗୁଁ ପୂର୍ବରୁ ସେ ପରିବାରର ଆର୍ଥିକ ସ୍ଥିତି ସାଧାରଣତଃ ଭୁଶୁଡ଼ି ପଡ଼ିଥାଏ। ଉପରୋକ୍ତ ବ୍ୟବସାୟୀ ଗୋଷ୍ଠୀର ଯେଉଁ ଶଠତାପୂର୍ଣ୍ଣ ଉପଦେଶକୁ ଡକ୍ଟର ଫିଲିପ୍‌ସ ତୀବ୍ର ଭର୍ତ୍ସନା କରିଛନ୍ତି ତାହା ହେଲା : "ଦାୟିତ୍ୱପୂର୍ଣ୍ଣ ଭାବରେ ପାନ କର"। ସେ ସମସ୍ତଙ୍କୁ ଚେତାଇ ଦେଇଛନ୍ତି ଯେ ଏଭଳି ଉପଦେଶ ହେଉଛି ଦାୟିତ୍ୱ ଏଡ଼ାଇଯିବା ପାଇଁ ମଦ ଶିଳ୍ପ ବ୍ୟବହାର କରୁଥିବା ଏକ ଚତୁର କୌଶଳ। ସେ ଯୁକ୍ତି କରିଛନ୍ତି ଯେ ଯେଉଁମାନେ ମଦ୍ୟପାନ ଆରମ୍ଭ କରନ୍ତି ସେମାନେ ଅବିଳମ୍ବେ ନିଜର ପିଇବା ଉପରେ ନିୟନ୍ତ୍ରଣ ହରାଇ ବସନ୍ତି ଏବଂ ଦେଖୁଦେଖୁ ମଦ ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି ଓ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇପଡ଼ନ୍ତି। ତାଙ୍କ ଭାଷାରେ, "ପ୍ରଥମ ଡ୍ରିଙ୍କ୍‌ଟି ତୁମର ମସ୍ତିଷ୍କକୁ ଦଖଲ କରେ। ଏହା ମସ୍ତିଷ୍କର ଧାରଣ କ୍ଷମତାକୁ ସଂକୁଚିତ କରେ, ତୁମକୁ ଏକ ଡୋପାମିନ୍ କିକ୍ ଦିଏ, ତୁମକୁ ଉଲ୍ଲସିତ କରେ। ଏବଂ ପରବର୍ତୀ ସମୟରେ ତୁମେ ମଦର ଦାସରେ ପରିଣତ ହୋଇଯାଅ।" ଡକ୍ଟର ଫିଲିପ୍‌ସଙ୍କର ଏହି ଚେତାବନୀ ପୃଥିବୀର ଅଗ୍ରଗଣ୍ୟ ମଦ୍ୟପାନ-ନିବୃତକାରୀ ସଂଗଠନ 'ଆଲ୍‌କହଲିକ୍‌ସ ଆନୋନିମସ୍'ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ସ୍ୱନାମଧନ୍ୟ ଚିକିତ୍ସକ ଡକ୍ଟର ୱିଲିଅମ୍ ଡି ସିଲ୍‌କ୍ୱର୍ଥଙ୍କର ଏ ସଂପର୍କିତ ଏକ ଉକ୍ତିର ପ୍ରତିଧ୍ୱନି ପରି ଶୁଭିଥାଏ। ଉକ୍ତ ସଂଗଠନର ବହୁଳ ପ୍ରସାରିତ ସହାୟିକା ପୁସ୍ତକ 'ଦି ବିଗ୍ ବୁକ୍' (ପ୍ରଥମ ପ୍ରକାଶ- ୧୯୩୯)ରେ ସ୍ଥାନୀତ ଡକ୍ଟର ସିଲ୍‌କ୍ୱର୍ଥଙ୍କର ଏହି ଉକ୍ତିର କିୟଦଂଶ ହେଉଛି ନିମ୍ନରେ ଉପସ୍ଥାପନ କରାଯାଇଥିବା ଭଳି। ସେ କହିଥିଲେ ଯେ ମଦ ଉତ୍ପନ୍ନ କରୁଥିବା ପ୍ରଭାବ ପାଇଁ ହିଁ ମୂଳତଃ ପୁରୁଷ ଓ ନାରୀମାନେ ମଦ୍ୟପାନ କରିଥାନ୍ତି। ଏହି ପ୍ରଭାବର ଅନୁଭବ ଏପରି ଖସଡ଼ା ହୋଇଥାଏ ଯେ ଏହା କ୍ଷତିକାରକ ବୋଲି ସେମାନେ ସ୍ୱୀକାର କରୁଥିଲେ ହେଁ କିଛି କାଳ ପରେ ସେମାନେ ଆଉ ସତ୍ୟ ଓ ମିଥ୍ୟା ମଧ୍ୟରେ ଥିବା ଫରକ ବାରିପାରନ୍ତି ନାହିଁ। ଏହାପରେ ସେମାନଙ୍କର ମଦ୍ୟାସକ୍ତ ଜୀବନ ସେମାନଙ୍କୁ ଏକମାତ୍ର ସାଧାରଣ ବା ନର୍ମାଲ୍ ଜୀବନ ଭଳି ପ୍ରତୀୟମାନ ହୋଇଥାଏ। ଡକ୍ଟର ଫିଲିପ୍‌ସ ତାଙ୍କ ପୋଷ୍ଟରେ ବିଭିନ୍ନ ବୈଜ୍ଞାନିକ ଗବେଷଣାପ୍ରସୂତ ତଥ୍ୟକୁ ଆଧାର କରି ଦର୍ଶାଇଛନ୍ତି ଯେ କୌଣସି ବି ମାତ୍ରାରେ ମଦ୍ୟପାନ ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ, ତାହା ଯେତେ ସାମାନ୍ୟ ହୋଇଥାଉ ନା କାହିଁକି। ସେ ମଧ୍ୟ ମଦ୍ୟପାନର ଭୟଙ୍କର ସାମାଜିକ କୁପରିଣାମମାନ ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ଭୁଲି ନାହାନ୍ତି। ଗଣମାଧ୍ୟମରେ ପ୍ରକାଶିତ ଏ ସଂପର୍କିତ ଉଦାହରଣମାନଙ୍କୁ ଉଦ୍ଧାର କରି ସେ ଲେଖିଛନ୍ତି, "ମଦ୍ୟପାନ ମଧ୍ୟ ହେଉଛି ଏକ ସାମାଜିକ ବିଷ। ଏହା ଲୋକଙ୍କୁ ସମାଜ ପ୍ରତି ଏକ ଆତଙ୍କରେ ପରିଣତ ହେବା ପାଇଁ ପ୍ରବୃତ କରିଥାଏ, ପ୍ରାଣ ନାଶ ଘଟାଇଥାଏ, ପରିବାରକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥାଏ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ଶୁଦ୍ଧିକ୍ରିୟାରେ ସାମାନ୍ୟ ବିବାଦରୁ ରକ୍ତାକ୍ତ କାଣ୍ଡ : ଫାର୍ଶା ଆକ୍ରମଣରେ ୧ ଗୁରୁତର, ଅଭିଯୁକ୍ତ ଗିରଫ



ଝାରସୁଗୁଡ଼ା,୧୩/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ପିଥିଣ୍ଡା ଗ୍ରାମରେ ଏକ ଶୁଦ୍ଧିକ୍ରିୟା ସମୟରେ ସାମାନ୍ୟ ବିବାଦ ଉଗ୍ର ରୂପ ଧାରଣ କରିବାରୁ ଫାର୍ଶା ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଘଟଣାରେ ରେଙ୍ଗାଲି ପୁଲିସ ତତ୍ପରତା ଦେଖାଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ଫାର୍ଶାକୁ ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ୧୦ ଜୁଲାଇ ସନ୍ଧ୍ୟା ପ୍ରାୟ ୫ଟା ୧୫ ମିନିଟ୍ ସମୟରେ ପିଥିଣ୍ଡା ଗ୍ରାମରେ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟକ୍ରମ ଚାଲିଥିଲା। ସେହି ସମୟରେ ପାରମ୍ପରିକ 'ଗୋଡ଼ ଧୁଆ' ରୀତିକୁ କେନ୍ଦ୍ର କରି ଅନାମ ମାଝୀ (୪୧) ଓ ପ୍ରେମାନନ୍ଦ ବିଶି (୪୯)ଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା। ପରେ ବିବାଦ ଉଗ୍ର ରୂପ ନେବାରୁ ପ୍ରେମାନନ୍ଦ ଏକ ଧାରୁଆ ଫାର୍ଶାରେ ଅନାମଙ୍କ ମୁଣ୍ଡ, ହାତ ସମେତ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଗୁରୁତର ଆହତ ଅନାମ ମାଝୀ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାର ଖବର ପାଇ ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ପ୍ରେମାନନ୍ଦ ବିଶିଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ଫାର୍ଶାକୁ ମଧ୍ୟ ଜବତ କରାଯାଇଛି। ଆହତଙ୍କ ସାନଭାଇ ଅଶୋକ ମାଝୀଙ୍କ ଲିଖିତ ଅଭିଯୋଗ ଆଧାରରେ ରେଙ୍ଗାଲି ଥାନାରେ କେସ୍ ନଂ–୧୮୮/୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୧୦୯(୧) ଓ ୧୧୮(୨)ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ରେଙ୍ଗାଲି ଥାନା ପକ୍ଷରୁ ସୂଚନା ମିଳିଛି। ସାମାଜିକ ଓ ଧାର୍ମିକ ରୀତିନୀତି ପାଳନ ବେଳେ ସାମାନ୍ୟ ବିବାଦରୁ ଘଟିଥିବା ଏହି ରକ୍ତାକ୍ତ ଘଟଣାକୁ ନେଇ ପିଥିଣ୍ଡା ସମେତ ସମଗ୍ର ଅଂଚଳରେ ଚର୍ଚ୍ଚା ଜୋର ଧରିଛି।

# ବନ୍ଧରେ ବୁଡ଼ି ବୃଦ୍ଧା ମୃତ



ସମ୍ବଲପୁର,୧୩/୭(ନି/ପ୍ର):ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଳ ପଂଚାୟତ ଅନ୍ତର୍ଗତ ସୁଦବଲଣ୍ଡା କଲୋନୀପଡ଼ା ଭକୁଆକଟା ବନ୍ଧରେ ଏକ ଅଘଟଣ ଘଟିଯାଇଛି । ଗ୍ରାମର ୬୦ ବର୍ଷିୟା ବୃଦ୍ଧା ସୋମବାରୀ ମୁଣ୍ଡା ନିଜର ୨ ନାତୁଣୀ ବିଜିଲି ଓ ବର୍ଷାଙ୍କୁ ଗାଧୋଇବା ପାଇଁ ଆଜି ଦିନ ୧୨ ଟା ବେଳେ ଭକୁଆକଟା ବନ୍ଧକୁ ଯାଇଥିଲେ। ମାତ୍ର ୨ ଶିଶୁ ପାଣି ଭିତରକୁ ପଶି ଯାଉଥିବା ଦେଖି ସେମାନଙ୍କୁ ବଂଚାଇବା ପାଇଁ ସୋମବାରୀ ପାଣିକୁ ପଶି ଯାଇ ନିଜେ ଆଉ ବାହାରି ପାରିନଥିଲେ । ବନ୍ଧରେ କେହି ବୁଡି ଯାଉଥିବା ଦେଖି ସ୍ଥାନୀୟ ବାସିନ୍ଦା ପବିତ୍ର ମୁଣ୍ଡା ତୁରନ୍ତ ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ । ମାତ୍ର ପାଣିରେ ଜେଜେ ମା' ସୋମବାରୀ ବୁଡିଥିବା ଖବର ଶିଶୁମାନଙ୍କ ଠାରୁ ପାଇବା ବେଳକୁ ବହୁତ୍ ବିଳମ୍ବ ହୋଇ ସାରିଥିଲା। ଏହି ଖବର ପାଇ ତୁରନ୍ତ ଜମନକିରା ଥାନା ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କ ଉପସ୍ଥିତିରେ ସୋମବାରୀଙ୍କ ମୃତଦେହ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡିଛି ।

## କୋଲାବିରା ବ୍ଲକ ଅଫିସରେ ବିଧାୟକଙ୍କ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୧୩/୭(ନି/ପ୍ର): ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କୋଲାବିରା ଗସ୍ତରେ ଆସି ବ୍ଲକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ବିଡ଼ିଓ ଅବିନାଶ ଲାକ୍ରା ଓ ବିଧାୟକ ପ୍ରତିନିଧି ରାଜେଶ ଦାଶ ଙ୍କ ସହ ବ୍ଲକ କାର୍ଯ୍ୟାଳୟର ଏଇଇ, ଏଇ ଓ ସମସ୍ତ ଜେଇ ଉପସ୍ଥିତ ଥିଲେ । କୋଲାବିରା ବ୍ଲକ ଅଂଚଳରେ ଅନେକ ଉନ୍ନୟନ କାମ ଦୀର୍ଘ ମାସ ହେଲା ନିର୍ମାଣ ଶେଷ ହୋଇଥିଲେ ମଧ ଠିକାଦାର ଙ୍କୁ ବିଲ ଟଙ୍କା ମିଳୁ ଥିବାରୁ ବିଧାୟକଙ୍କ ନିକଟରେ ଅନେକ ଅଭିଯୋଗ ହୋଇଥିଲା। ବୈଠକ ରେ ଆଲୋଚନା ପରେ ଆସନ୍ତା ୧୦ ଦିନ ମଧ୍ୟରେ କାମ ଶେଷ ବିଲ୍ ସହ ବିଭିନ୍ନ କାର୍ଯ୍ୟର ରନୀଙ୍ଗ ବିଲ ପ୍ରଦାନ ବ୍ଲକ ପକ୍ଷରୁ ପ୍ରଦାନ କରାଯିବ ବୋଲି ବିଧାୟକ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଏହାସହ ଅନ୍ତୋଦୟ ଗୃହର ତାଲିକା ସର୍ଭେ କରି ଉପଯୁକ୍ତ ପରିବାର କୁ ଘର ପ୍ରଦାନ କରିବା, ଏସଆଇଆରର ଏ ଏସ ଡି ଲିଷ୍ଟ ରୁ ତର୍ଜମା କରି ଭୋଟର ଲିଷ୍ଟ ରେ ପୁଣି ଭୋଟରଙ୍କ ନାମ ସାମିଲ କରିବା ତଥା ଅନ୍ୟାନ୍ୟ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । କୋଲାବିରା

# ମୋବାଇଲ ଦୋକାନରୁ ଚୋରି ମାମଲା: ୩୪ ମୋବାଇଲ ଉଦ୍ଧାର, ୩ ଗିରଫ



କଟାଂମାଳ,୧୩/୭(ନି/ପ୍ର): ବୌଦ୍ଧ ଜିଲ୍ଲା କଟାଂମାଳ ବଜାର ଅଚଂଳର ଏକ ମୋବାଇଲ୍ ଦୋକାନରୁ କାନ୍ଥ ଭାଙ୍ଗି ଲକ୍ଷାଧିକ ଟଙ୍କାର ଦାମୀ ମୋବାଇଲ ଚୋରି ଘଟଣାରେ ପ୍ରାୟ ୨୦ ଦିନ ପରେ କଟାଂମାଳ ପୁଲିସକୁ ସଫଳତା ମିଳିଛି। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସହ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦୋକାନରୁ ଚୋରି ଯାଇଥିବା ୩୪ଟି ଦାମୀ ମୋବାଇଲ୍ ଉଦ୍ଧାର କରାଯାଇଛି। ଭୁବନେଶ୍ୱର: ଲ୍ୟାପ୍‌ଟପ୍ ଓ ମୋବାଇଲ୍ ଚୋରି ଅଭିଯୋଗରେ ଏମ୍‌ବିଏ ଛାତ୍ରୀ ଗିରଫ। ସେ ରହୁଥିବା ହଷ୍ଟେଲରୁ ମୋବାଇଲ ଓ ଲାପଟପ ଚୋରି ଅଭିଯୋଗ ହୋଇଥିଲା। ସହଯୋଗୀଙ୍କ ଜରିଆରେ ଚୋରି ଜିନିଷ କୋଲକାତା ପଠାଉଥିଲେ ଛାତ୍ରୀ। ସୂଚନାନୁସାରେ, ବୌଦ୍ଧ ଜିଲ୍ଲା କଟାଂମାଳ ଥାନାରୁ ମାତ୍ର ଶହେ ମିଟର ଦୂରରେ ସଦର ମୁଖ୍ୟ ରାସ୍ତା କଡ଼ରେ ଥିବା ଶାନ୍ତନୁ ରଣାଙ୍କ ଶ୍ରୀଲକ୍ଷ୍ମୀ ମୋବାଇଲ ଦୋକାନରୁ ଜୁନ୍ ୨୨ ତାରିଖ ରାତିରେ ଚୋରି ହୋଇଥିଲା। ଦୋକାନରୁ ୩୪ ଗୋଟି ଦାମୀ ମୋବାଇଲ ଚୋରି ହୋଇଥିଲା। ତେବେ ଚୋରି ମୋବାଇଲର ଆଇଏମ୍‌ଇଆଇ ଓ ମିଳିଥିବା ସିସିଟିଭି ଫୁଟେଜକୁ ପୁଲିସ ଅଧାର କରି କଟାଂମାଳ ଗ୍ରାମର ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରାରୁ ମିଳିଥିବା ତଥ୍ୟାଧାରରେ ଅନ୍ୟ ୩ଜଣ ଅଭିଯୁକ୍ତଙ୍କୁ ଧରିଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ, ଶୁଭମ ପୁଟେଲ, ବାବୁଲୁ ବାରିକ ଓ ସୌମ୍ୟରଞ୍ଜନ ଜାନି। ଗିରଫ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ କୋର୍ଟରେ ହାଜର କରାଯାଇଛି ବୋଲି କଟାଂମାଳ ଥାନା ଅଧିକାରୀ ଓମ ପ୍ରକାଶ ମହାନ୍ତି।

## ବେଆଇନ୍ ନିଶା କାରବାର ବିରୁଦ୍ଧରେ ଅବକାରୀ ବିଭାଗର ଚଢାଉ

**ଗତ ଆର୍ଥିକ ବର୍ଷରେ ୫ କୋଟି ୩୩ ଲକ୍ଷ ୫୯ ହଜାର ଟଙ୍କାର ସାମଗ୍ରୀ ଜବତ**

ଭଦ୍ରକ,୧୩/୭(ନି/ପ୍ର): ଜିଲାରେ ବେଆଇନ୍ ନିଶା କାରବାର ବିରୁଦ୍ଧରେ ଅବକାରୀ ବିଭାଗ ପ୍ରତି ମାସ ଚଢାଉ କାର୍ଯ୍ୟ ଜାରି ରଖିଛି। ଅନ୍ୟପଟେ ନିଶା କାରବାର ଜିଲାରେ ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ଆଶାନୁରୂପ ସଫଳତା ମିଳୁନଥିବାରୁ ସୂଚନା ମିଳିଛି। ବିଶେଷକରି ବ୍ରାଉନସୁଗାର କାରବାର ଜିଲାର ସହରାଂଚଳ ଠାରୁ ଆରମ୍ଭ କରି ଗ୍ରାମାଂଚଳର ଗଳିକନ୍ଦିରେ ବଢିଚାଲିଛି। ଯାହାଫଳରେ ଜିଲା ଏବେ ଅପରାଧ ପ୍ରବଣ ହୋଇପଡିଛି। ନିଶା କାରବାର ବୃଦ୍ଧି ଯୋଗୁଁ ଜିଲା ଅଶାନ୍ତ ହୋଇପଡିଛି। ପୁଲିସ୍ ଓ ଅବକାରୀ ବିଭାଗ ନିଶା କାରବାର ରୋକିବା ଦିଗରେ ବିଫଳ ହୋଇଛି। ବିଭାଗୀୟ ସୂଚନା ଅନୁଯାୟୀ ମାର୍ଚ୍ଚ ୨୦୨୫-ମାର୍ଚ୍ଚ ୨୦୨୬ ଗତ ଆର୍ଥିକ ବର୍ଷରେ ବେଆଇନ୍ ନିଶା କାରବାର ବିରୁଦ୍ଧରେ ୧୯୯୬ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୧୯୭ ଟି କେଶ୍ ଅବକାରୀ ବିଭାଗ ପକ୍ଷରୁ ରୁଜୁ କରାଯାଇଛି। ୧୫୫ ଟି ଦାବେଦାର ନଥିବା କେଶ୍ ରୁଜୁ ହୋଇଛି। ଏହାମଧ୍ୟରୁ ୧୫୨୮ ଟି ମାମଲା ଚାର୍ଜସିଟ୍ ହୋଇଛି। ଗତ ଆର୍ଥିକ ବର୍ଷରେ ୭୪୦୯୪.୦୦୦ ଲିଟର ଆଇଡି ଲିକର (ଦେଶୀ ରନ୍ଧାମଦ), ୩୫୧୩୬୦.୦୦୦ କେଜି ଆଇଡି ୱାସ୍ (ପୋଚ), ୫୩୨.୯୮୦ ଲିଟର ଆଇଏମଏଫଏଲ (ବିଦେଶୀ), ୧୯୩୫.୫୦୦ ଲିଟର ସିଏସ୍ ଲିକର (ଦେଶୀ), ୯୯୦.୮୫୦ ଲିଟର ବିୟର, ୨.୮୮୦ ଲିଟର ଡୁପ୍ଲିକେଟ୍ ଆଇଏମଏଫଏଲ, ୮୪.୦୦ କଫ ସିରପ, ୮୬ କେଜି ଗଂଜେଇ, ୬୩ ଲିଟର ଅନ୍ୟାନ୍ୟ ମାଦକ ଦ୍ରବ୍ୟ, ୬୨୩ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୬୨ ଲକ୍ଷ ୩୦ ହଜାର ଟଙ୍କା। ଚଢାଉ ସମୟରେ ୧୧୭ ଟି ଦୁଇଚକିଆ, ୫ଟି ଚାରି ଚକିଆ, ଗୋଟିଏ ତିନି ଚକିଆ, ୧୨ ଟି ଡେକ୍‌ଚି, ବ୍ରାଉନସୁଗାର ବାବଦରେ ୯୪୧୦ ଟଙ୍କା ଜବତ ହୋଇଛି। ଏହିସବୁ ଚଢାଉରେ ମାଦକ ଦ୍ରବ୍ୟର ଆନୁମାନିକ ମୂଲ୍ୟ ୧ କୋଟି ୨୭ ଲକ୍ଷ ୮୬ ହଜାର ୭୫୪ ଟଙ୍କା ହେବ। ସମୁଦାୟ ଜବତ ହୋଇଥିବା ମାଦକ ଦ୍ରବ୍ୟ ଓ ବ୍ୟବହୃତ ଆଦିର ମୂଲ୍ୟ ୫ କୋଟି ୩୩ ଲକ୍ଷ ୫୯ ହଜାର ୮୯୪ ଟଙ୍କା। ଚଳିତବର୍ଷ ମାର୍ଚ୍ଚ ୧ ରୁ ଜୁନ୍ ୩୦ ୨୦୨୬ ତିନି ମାସ ମଧ୍ୟରେ ବେଆଇନ୍ ନିଶା କାରବାରରେ ସଂପୃକ୍ତ ୫୩୧ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୭୬ ଟି ମାମଲା ରୁଜୁ କରାଯାଇଛି। ଏହି ଚଢାଉ କାର୍ଯ୍ୟରେ ୧୫୪୯୮ ଲିଟର ଦେଶୀ ମଦ, ୬୯୭୦୦ ପୋଚ, ୧୯୦.୮୦୦ ବିଦେଶୀ ମଦ, ୫୨୦.୨୫୦ ଲିଟର ବିୟର, ୫୮୪.୮୦୦ ଦେଶୀ ମଦ, ୨୨.୫୦୦ ଜିଞ୍ଜର, ୨.୦୨ କେଜି ଗଂଜେ, ୨୧୫ ଗ୍ରାମ ବ୍ରାଉନସୁଗାର, ୩୦ ଟି ମୋଟର ସାଇକେଲ୍, ଗୋଟିଏ ଅଟୋ ଜବତ କରାଯାଇଛି।

# ପି.ପି.ଏକାଡେମୀ, ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବୁଲିଲେ ନରସିଂହ:

## ଶିକ୍ଷକ ନ ଥିବାରୁ ସଂସ୍କୃତ ବିଦ୍ୟାଳୟରେ ହୋଇନାହିଁ ନାମଲେଖା

ବଲାଙ୍ଗିର,୧୩/୭(ନି/ପ୍ର): ଶନିବାର ୧୧ଟାରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ସହର ସ୍ଥିତ ପି.ପି.ଏକାଡେମୀ ଏବଂ ବିଦ୍ୟା ଭୂଷଣ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ବିଶେଷ କରି ତାଙ୍କର ଏହି ଗସ୍ତରେ ସେଠାକାର ସମସ୍ୟା ଓ ତା'ର ସମାଧାନ ଦିଗରେ କି ପଦକ୍ଷେପ ନିଆଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା । ପି.ପି. ଏକାଡେମୀରେ ଛାତ୍ର ଉପସ୍ଥାନ ସଂଖ୍ୟା ତଥା ମେଟ୍ରିକ ପରୀକ୍ଷା ଫଳ ବେଶ ସନ୍ତୋଷଜନକ ଥିବା ଆଲୋଚନାରେ ଜଣାଯାଇଥିଲା । ଯେହେତୁ ଧିରେ ଧିରେ ସରକାରୀ ସ୍କୁଲରେ ଛାତ୍ର ଓ ଅଭିଭାବକଙ୍କ ନାମଲେଖା ପାଇଁ ଉତ୍ସାହ ବଢୁଛି ତେଣୁ ଏଠାରେ ଅତିରିକ୍ତ ଶ୍ରେଣୀଗୃହ ପାଇଁ ଶିକ୍ଷକ ଶିକ୍ଷୟତ୍ରୀମାନେ ନରସିଂହଙ୍କ ଦୃଷ୍ଟିକୁ ଆଣିଥିଲେ । ତା ସହ ପି.ପି. ଏକାଡେମୀର ନିଜସ୍ୱ ଖେଳ ପଡିଆ ନ ଥିବାରୁ ଏହା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଶ୍ରୀ ମିଶ୍ରଙ୍କ ଆଗରେ ଶିକ୍ଷକ କର୍ମଚାରୀମାନେ ଦାବି ରଖିଥିଲେ । ଛାତ୍ର ସଂଖ୍ୟା ଦୃଷ୍ଟିରୁ ଆଉ ଜଣେ ବିଜ୍ଞାନ ଶିକ୍ଷକ ଦରକାର ବୋଲି ପ୍ରଧାନ ଶିକ୍ଷକ ଆଲୋଚନା ବେଳେ କହିଥିଲେ ଏବଂ ଯେହେତୁ ଏଠାରେ ଶିକ୍ଷା ସମ୍ବନ୍ଧୀୟ ପରୀକ୍ଷା ହେଉ କାର୍ଯ୍ୟକ୍ରମ ହେଉ ସବୁବେଳେ ଅନୁଷ୍ଠିତ ହେଉଛି ଆଗାମୀ ଦିନରେ ପିଅନ ନିଯୁକ୍ତି ବେଳେ ଜଣେ ପୁରୁଷ ପିଅନ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ । ପରେ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟରେ ଆଲୋଚନା ବେଳେ ଜଣାପଡିଲା ଯେ, ବହୁ ବର୍ଷ ହେବ ଏହି ଶିକ୍ଷାନୁଷ୍ଠାନ ବିନା ନିୟମିତ ଅଧ୍ୟକ୍ଷରେ ଚାଲିଛି । ତେଣୁ ଅଧ୍ୟାପନା ସାଙ୍ଗକୁ କଲେଜ ପରିଚାଳନାଗତ ଅନେକ ସମସ୍ୟା ଛାତ୍ରମାନେ ଭୋଗୁଛନ୍ତି ବୋଲି ଏହାର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କୁ ଜଣାଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ଏହି ଶିକ୍ଷାନୁଷ୍ଠାନରେ ଏକ ସଂସ୍କୃତ ବିଦ୍ୟାଳୟ ଚାଲିଛି ଯାହାକି ଏ ବର୍ଷ ଶିକ୍ଷକ, କର୍ମଚାରୀ ଅଭାବରୁ କୌଣସି ଅଭିଭାବକ ତାଙ୍କ ପିଲାମାନଙ୍କୁ ଏଠାରେ ନାମ ଲେଖାଉ ନାହାନ୍ତି । ଏ ଦିଗରେ ଶ୍ରୀ ମିଶ୍ର ନିଶ୍ଚିତ ଭାବରେ ସରକାରଙ୍କୁ ଜଣାଇ ଏହି ଅନୁଷ୍ଠାନରେ ଯେପରି ଶିକ୍ଷକ ଯୋଗଦେବେ ସେ ଉପରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ସଂସ୍କୃତ ମହାବିଦ୍ୟାଳୟ କଥା ମଧ ଠିକ୍ ସମାନ । ନିୟମିତ ଅଧ୍ୟାପକ ବଦଳରେ ଅତିଥି ଅଧ୍ୟାପକ ସଂଖ୍ୟା ଏଠି ଅଧିକ । ଯେହେତୁ ସଂସ୍କୃତି ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀ ସଂଖ୍ୟା ପ୍ରାୟତଃ ପୂର୍ଣ୍ଣ ଥାଏ କିନ୍ତୁ ନିୟମିତ ଅଧ୍ୟାପକଙ୍କ ଅଭାବ ଯୋଗୁଁ ପାଠପଢାରେ ଘୋର ବ୍ୟାଘାତ ହେଉଛି ବୋଲି ଆଲୋଚନା ବେଳେ ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଅଭିଯୋଗ ବାଢିଥିଲେ । ସଂସ୍କୃତ ବିଦ୍ୟାଳୟରେ ଆୟୁର୍ବେଦ ପାଠ ପଢାଇବାର ବ୍ୟବସ୍ଥା ଥିଲେ ହେଁ ଆୟୁର୍ବେଦ ଶିକ୍ଷକ ଅଭାବରୁ ଆୟୁର୍ବେଦ ଉପରେ କୌଣସି ପାଠ ପଢିବା ସମ୍ଭବ ହେଉନାହିଁ । ଏ ସବୁ ଅଭିଯୋଗର ଉତରରେ ଶ୍ରୀ ମିଶ୍ର ସଂସ୍କୃତ ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ କର୍ମଚାରୀ, ଅଣ ଶିକ୍ଷକ କର୍ମଚାରୀ ପଦବୀ ପୁରଣ ପାଇଁ ସରକାରଙ୍କ ଉପରେ ଚାପ ପକାଯିବ, ପି.ପି. ଏକାଡେମୀର ଖେଳ ପଡିଆ, ଡ୍ରେନେଜ ବ୍ୟବସ୍ଥାର ଉନ୍ନତି, ଅତିରିକ୍ତ ଶ୍ରେଣୀଗୃହ ତଥା ଅନ୍ୟାନ୍ୟ ଭିନ୍ନିଭୂମିଜନିତ ଅସୁବିଧା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହ କଥା ହୋଇ ନିଶ୍ଚିତ ଭାବରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଆଜିର ଏହି ଆଲୋଚନା ସମୟରେ ସଂସ୍କୃତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ଓଝା, ଧର୍ମରାଜ ବାଗ, ନିଳିମା ମେହେର, ରାଜଶ୍ରୀ ସାହୁ, ପ୍ରକାଶ ଷାଣ୍ଢ, ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରେନ୍ଦ୍ର ଧରୁଆ, ପି.ପି. ଏକାଡେମୀର ପ୍ରଧାନ ଶିକ୍ଷକ ଦ୍ୟୁତିରଂଜନ ମହାଲିଙ୍ଗ, ଅଂଶୁକା ଭୋଇ, କେତକି ଭୋଇ ଓ ଅନ୍ୟାନ୍ୟ ଶିକ୍ଷକ ଉପସ୍ଥିତ ଥିଲେ ।

# ବାରଖଣ୍ଡିଆ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ଦୁଇ ବାଇକ୍ ଧକ୍କାରେ ୨ ମୃତ, ୨ ଗୁରୁତର



ଝାରସୁଗଡ଼ା,୧୩/୭(ନି/ପ୍ର): ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ବାରଖଣ୍ଡିଆ ଖେଳ ପଡ଼ିଆ ନିକଟରେ ଆଜି ସନ୍ଧ୍ୟା ପ୍ରାୟ ୫.୩୦ ସମୟରେ ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଧକ୍କା ଏତେ ଜୋରଦାର ଥିଲା ଯେ ଉଭୟ ବାଇକ୍ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇପଡ଼ିଥିଲା ଏବଂ ଆରୋହୀମାନେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ କରି ଗୁରୁତର ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ମୃତ ଓ ଆହତମାନଙ୍କ ସଠିକ୍ ପରିଚୟ ଏପର୍ଯ୍ୟନ୍ତ ମିଳିନଥିବାବେଳେ ସେମାନେ ସୁନ୍ଦରଗଡ଼ ଜିଲ୍ଲାର ବାସିନ୍ଦା ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଖବର ପାଇ ଗାନ୍ଧିଛକ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ କରିଛି। ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ଏହି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ବେପରୁଆ ଓ ଦ୍ରୁତଗତିରେ ବାଇକ୍ ଚାଳନାକୁ ନେଇ ପୁଣିଥରେ ଚିନ୍ତା ପ୍ରକାଶ ପାଇଛି। ସ୍ଥାନୀୟଙ୍କ ଅଭିଯୋଗ ଅନୁଯାୟୀ, ଅନେକ ନାବାଳକ ଓ ଯୁବକ ବିନା ବୈଧ ଡ୍ରାଇଭିଂ ଲାଇସେନ୍ସ, ବିନା ହେଲମେଟ୍ ଏବଂ କେତେକ କ୍ଷେତ୍ରରେ ନିଶାସକ୍ତ ଅବସ୍ଥାରେ ମଧ ବାଇକ୍ ଚଳାଉଥିବା ଦେଖାଯାଉଛି। ଟ୍ରାଫିକ୍ ନିୟମକୁ ଅବହେଳା କରି ଜନଗହଳିପୂର୍ଣ୍ଣ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚାଳନା କରାଯାଉଥିବାରୁ ପଥଚାରୀଙ୍କ ସୁରକ୍ଷା ବିପଦରେ ପଡୁଛି। ଏଭଳି ବେପରୁଆ ଚାଳକଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଖୋର୍ଦ୍ଧା ପ୍ରିମିୟର ଲିଗ ଉଦ୍‌ଘାଟିତ, ଜଟଣୀ ଓ ଇଗଲ ଖୋର୍ଦ୍ଧା ବିଜୟୀ

ଖୋର୍ଦ୍ଧା, ୧୩/୭(ନି/ପ୍ର):ଖୋର୍ଦ୍ଧା, କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମ ଠାର ପ୍ରଥମ ଖୋର୍ଦ୍ଧା ପ୍ରିମିୟର ଲିଗ କ୍ରିକେଟ କାର୍ଣ୍ଣିଭାଲ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚ ରେ ଜଟଣୀ ଆନ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ ଖୋର୍ଦ୍ଧା କଳିଙ୍ଗସ କୁ ୧୯ ରନ ରେ ପରାସ୍ତ କରିଛି। ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରୁ ୧୩୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆଇ ଏସ ଗିରି ସର୍ବାଧିକ ୪୨ ରନ ଓ ସତ୍ୟରଞ୍ଜନ ଲେଙ୍କା ୩୪ ରନ କରିଥିଲେ। ଖୋର୍ଦ୍ଧା ପକ୍ଷରୁ ବିଶ୍ୱଭୂଷଣ ବିହାରୀ ୩ ଟି ଓ ରୁଦ୍ର ମଲ୍ଲିକ ୨ ୱିକେଟ ନେଇଥିଲେ। ଜବାବରେ ନିର୍ଦ୍ଧାରିତ ୨୦ ଓଭର ରେ ୱିକେଟ ହରାଇ ୧୧୮ ରନ ରେ ସୀମିତ ରହିଥିଲେ। ଖୋର୍ଦ୍ଧା ତରଫରୁ ରୁଦ୍ର ମଲ୍ଲିକ ସର୍ବାଧିକ ୩୮ ରନ କରିଥିବାବେଳେ ଜଟଣୀ ପକ୍ଷରୁ ସୁମିତ ମହାରଣା ସର୍ବାଧିକ ୬ ଟି ୱିକେଟ ନେଇଥିଲେ ଓ ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ପ୍ରାରମ୍ଭରେ ଓଡିଶା ରଣଜି ଟ୍ରଫି ତଥା ଆଇ ପି ଏଲ ଖେଳାଳୀ ଶୁଭ୍ରାଂଶୁ ସେନାପତି, ସ୍ୱସ୍ତିକ ସାମଲ, ଜିଲ୍ଲା କ୍ରିକେଟ ସଙ୍ଘ ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓ ସି ଏ ର କୋଷାଧକ୍ଷ ବିକାଶ ପ୍ରଧାନ, ନୟାଗଡ କ୍ରିକେଟ ସଙ୍ଘ ସମ୍ପାଦକ ସଂଗ୍ରାମ ଗୁମାନସିଂ, ସତ୍ୟଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଂଟର ଶୁଭ ଉଦଘାଟନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଇଗଲ ଇଂଭିନ୍ସିବଲ ଖୋର୍ଦ୍ଧା କ୍ଲବ ବି ଏସ ଏ ଭାଲିଆବାଡିକୁ ୧୧ ରନ ରେ ପରାସ୍ତ କରିଛି। ଇଗଲ କ୍ଲବ ପ୍ରଥମେ ବ୍ୟାଟିଂ କରି ଜ୍ୟୋତିରଞ୍ଜନ ବେହେରାଙ୍କ ଧୂଆଁ ଧାର ଶତକ( ୧୧୭ ରନ )ଓ ରାକେଶ ପଟ୍ଟନାୟକ ଙ୍କ ୨୭ ରନ ସହାୟତା ରେ ୱିକେଟ ହରାଇ ୧୮୨ ରନ କରିଥିଲେ ।ଭାଲିଆବାଡି ପକ୍ଷରୁ ବିକାଶ ବେହେରା ୨ ୱିକେଟ ନେଇଥିଲେ। ପ୍ରତ୍ୟୁତରରେ ଭାଲିଆବାଡି ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୱିକେଟ ହରାଇ ୧୭୧ ରନ ରେ ସୀମିତ ରହିଥିଲା। ଦଳ ପକ୍ଷରୁ ଆର୍ଯ୍ୟଶ୍ରୀ ଦେବାଶିଷ ଭଞ୍ଜ ସର୍ବାଧିକ ୬୩ ରନ ଏବଂ ରୂପକ ଜେନା ୪୪ ରନ ସଂଗ୍ରହ କରିଥିଲେ। ଇଗଲ ଖୋର୍ଦ୍ଧା ତରଫରୁ ଦେବୀପ୍ରସାଦ ରାଉତ ଓ ରାକେଶ ଶର୍ମା ୩ ଟି ଲେଖାଏଁ ୱିକେଟ ନେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଜ୍ୟୋତିରଞ୍ଜନ ବେହେରାଙ୍କୁ ଅତିଥି ଭାଲିଆବାଡି ଟିମ ଓନର ବିକାଶ ପ୍ରଧାନ ଟ୍ରଫିପ୍ରଦାନ କରିଥିବାବେଳେ ଓ ଶତକ ପାଇଁ ଅତିରିକ୍ତ ୫୦୦୦ ଟଙ୍କା ର ପୁରସ୍କାର ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ର ସଭାପତି ଅଭିଷେକ ସିଂ ସାମନ୍ତ ପ୍ରଦାନ କରିଥିଲେ। ଖେଳ କୁ ପ୍ରୀତିରଞ୍ଜନ ବିଜୟସିଂ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବାବେଳେ ଅଭିଷେକ ମହାନ୍ତି ସ୍କୋରର ଥିଲେ। ଚଣ୍ଡୀପ୍ରସାଦ ଆଚାର୍ଯ୍ୟ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଂଚି ନାରାୟଣ ଜେନା, କାଜଲ ବଳିୟାରସିଂ, ବ୍ରିଜେଶ ପ୍ରଧାନ, ସୁଧୀର କୁମାର ସାହୁ ପ୍ରମୁଖ ମ୍ୟାଚ ର ସଂଯୋଜନା କରିଥିଲେ। ୧୨/୦୭/୨୬ (ରବିବାର ) ପ୍ରଥମ ମ୍ୟାଚ ଇଗଲ ଖୋର୍ଦ୍ଧା ଓ ଆନ ଇଣ୍ଡିଆନ ଜଟଣୀ ଏବଂ ଦ୍ୱିତୀୟ ମ୍ୟାଚ ବି ଏସ ଏ ଭାଲିଆବାଡି ଓ ଖୋର୍ଦ୍ଧା କଳିଙ୍ଗସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଗୋବିନ୍ଦ ସାହୁ ଜଣାଇଛନ୍ତି।




# ସୁବର୍ଣ୍ଣରେଖା ଆନୁକୁଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ରାଉରକେଲା,୧୩/୭(ନି/ପ୍ର): ସାହିତ୍ୟ ଅନୁଷ୍ଠାନ ସୁବର୍ଣ୍ଣରେଖା ଓ ତା'ର ମହିଳା ସଙ୍ଗଠନ 'ନନ୍ଦିନୀ ମହିଳା ସଂଘତି'ର ସହଯୋଗରେ ସେକ୍ଟର-୧୬ ସ୍ଥିତ ଡୁମକେଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ଚୌଧୁରୀ ବଦଳୁ ଥିବା ହାରାହାରି ତାପମାତ୍ରା,ବିଶ୍ୱ ପରିବେଶ ଓ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ନିତ୍ୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରଧାନ, ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନର ଆଇନ୍ ଉପଦେଷ୍ଟା କଲ୍ୟାଣ କମଳ ପଣ୍ଡା, ଅନୀଲ କୁମାର ଦାଶ, ମନ୍ଦିର କମିଟିର ଉପଦେଷ୍ଟା ଗଦାଧର ସାହୁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଫୁଲ୍ଲ କୁମାର ସାହୁ ଓ ସସ୍ମିତା ମଣ୍ଡଳ ପରିବେଶ ଓ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ମହିଳା ସମ୍ପାଦିକା ଗୀତାଞ୍ଜଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ବିଜୟ କୁମାର ମହାପାତ୍ର, ରବିନ୍ଦ୍ରନାଥ ଜେନା, କମଳଲୋଚନ ଗାନ୍ଧୁ, ରାଜୀବ ପାତ୍ର, ରଜନୀ ଘୋଷ, ଚିନ୍ମରଞ୍ଜନ ବାରିକ, ସମୀର ମଣ୍ଡଳ, ବରୁଣ ମାଝୀ, ରାଧାକୃଷ୍ଣ ଦଳପତି, ତୁଷାର ମହାପାତ୍ର, ସଲିଳ ଦାସ, ଆନନ୍ଦ ଗିରି, ଶ୍ରୀକାନ୍ତ ଦାସ,ତପନ କୁମାର ଜେନା, ରତିକାନ୍ତ ପରିଡ଼ା, ପ୍ରଦୀପ କୁମାର ଦାସ,ଛବିରାଣୀ ପ୍ରଧାନ, ଦମୟନ୍ତୀ ବେହେରା,ଡଃ ସାନ୍ତ୍ୱନା ପରିଡ଼ା,ବନଜା ଦାସ, ସନ୍ଧ୍ୟାରାଣୀ ଦେଓ, ଶ୍ରଦ୍ଧାଞ୍ଜଳି ଦାସ , ଖୁଲଣା ପଣ୍ଡା ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

# ଚାନ୍ଦିପୋଷ ଭିଡ଼ ଆକ୍ରମଣ ଘଟଣାରେ ୭ ଗିରଫ

## ନଦୀକୁ ଡେଇଁପଡ଼ି ନିଖୋଜ ଯୁବକର ପତା ମିଳି ନାହିଁ



ରାଉରକେଲା,୧୩/୭(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ଅଚଂଳରେ ଏକ ଛେଳି ଚୋରି ସନ୍ଦେହରେ ଭିଡ଼ ଆକ୍ରମଣ ଘଟଣାରେ ୪ ଜଣ ଯୁବକଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ ମାମଲାରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଭିଡ଼ ଆକ୍ରମଣରୁ ରକ୍ଷା ପାଇବାକୁ ଚେଷ୍ଟା କରି ପୀଡିତଙ୍କ ମଧ୍ୟରୁ ଜଣେ ପୀଡିତ ଯୁବକ ନିକଟବର୍ତ୍ତୀ ନଦୀକୁ ଡେଇଁପଡ଼ି ନିଖୋଜ ଅଛନ୍ତି। ତାଙ୍କୁ ଖୋଜିବା ପାଇଁ ପୋଲିସ୍ ପକ୍ଷରୁ ସନ୍ଧାନ ଅଭିଯାନ ଜାରି ରହିଛି। ରବିବାର ଦିନ ଆହତ ଯୁବକଙ୍କ ପରିବାର ସଦସ୍ୟ ଏବଂ ନିଖୋଜ ପୀଡିତ ରାଉରକେଲା ଆରକ୍ଷୀ ଅଧିକ୍ଷକ (ଏସପି)ଙ୍କୁ ଭେଟି ନିଖୋଜ ଯୁବକଙ୍କୁ ଖୋଜିବା ପାଇଁ ସନ୍ଧାନ ଦାବି କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନେ କଥିତ ଭିଡ଼ ହିଂସାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରିଥିଲେ। ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ତଦନ୍ତ ଚାଲିଛି ଏବଂ ଅଧିକ ପ୍ରମାଣ ମିଳିଲେ ଆହୁରି ଗିରଫଦାରୀ ହୋଇପାରେ। ପୋଲିସ୍ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ଆଇନ ନିଜ ହାତରେ ନ ନେବାକୁ କହିବା ସହିତ ସନ୍ଦିଗ୍ଧ ଅପରାଧ ବିଷୟରେ ପୋଲିସକୁ ସୂଚନା ଦେବାକୁ କରିବାକୁ ନିବେଦନ କରିଛନ୍ତି।

# ପୁଣି ଭିଜିଲାନ୍ସ ଜାଲରେ କୋଇଡ଼ାର ପୂର୍ବତନ ରେଞ୍ଜରର ପ୍ରସନ୍ନ କୁମାର



କୋଇଡା,୧୩/୭(ନି/ପ୍ର): କରିଥିବା କର୍ମର ଫଳ ଭୋଗ କରିବାକୁ ପଡ଼େ, ଏହି କଥା କୋଇଡ଼ା ଖଣି ଅଚଂଳର ପୂର୍ବତନ ରେଞ୍ଜର ପ୍ରସନ୍ନ କୁମାର ପ୍ରଧାନଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଛି। ନିଜ କାର୍ଯ୍ୟକାଳ ମଧ୍ୟରେ କରିଥିବା ଏକାଧିକ ଦୁର୍ନୀତି ଓ ଅନିୟମିତତାର ତଦନ୍ତ ଆରମ୍ଭ ହୋଇଛି। ସୂଚନାନୁସାରେ, ଜୁନ୍ ୩୦ରେ ପ୍ରସନ୍ନ କୁମାର ପ୍ରଧାନ ଅବସର ନେଇଥିଲେ। କାର୍ଯ୍ୟକାଳ ସମୟରେ ହୋଇଥିବା ଦୁର୍ନୀତିର ତଦନ୍ତର ଖୋଳତାଡ଼ରେ ଭିଜିଲାନ୍ସ ବିଭାଗ ପ୍ରାୟ ୫କୋଟି ଟଙ୍କାର ଆୟବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଧରାପଡ଼ିଥିଲା। ଏହାପରେ ରାଉରକେଲା ଭିଜିଲାନ୍ସ ପକ୍ଷରୁ ପ୍ରସନ୍ନଙ୍କ ଏକାଧିକ ବାସଗୃହ ସମେତ କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରିଛି। ଏହି ଚଢ଼ାଉରେ ଅନେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ ହୋଇଥିବା ଜଣାଯାଇଛି। ଚଢ଼ାଉ ଜାରି ରହିଥିବାରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ସବିଶେଷ ବିବରଣୀ ପ୍ରଦାନ କରାଯାଇନାହିଁ।

# କୃଷକ ମୋର୍ଚ୍ଚାର ସାଙ୍ଗଠନିକ ବୈଠକ

ଭୁବନେଶ୍ୱର,୧୩/୭(ନି/ପ୍ର): କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ । ଓଡ଼ିଶାରେ ବିଜେପି ସରକାର ଆସିବା ପରେ କୃଷି ଓ କୃଷକଙ୍କ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷି ଓ କୃଷକର ଉନ୍ନତି ପାଇଁ ଅନେକ କୃଷି କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । ଏସବୁ ଯୋଜନା କିପରି ରାଜ୍ୟର ଚାଷୀମାନଙ୍କ ପାଖରେ ପହଂଚିବ ସେନେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ ବୋଲି ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ଶୁଭ୍ରାଂଶୁ ମୋହନ ପାଢ଼ୀ କହିଛନ୍ତି । ବୈଠକ ସଂପର୍କରେ ସୂଚନା ଦେଇ ଶ୍ରୀ ପାଢ଼ୀ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କୃଷକମାନଙ୍କ ଉନ୍ନତି ଉପରେ ଧ୍ୟାନ ଦିଆଯାଉ ନଥିଲା । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ପହଂଚି ପାରୁନଥିଲା । ମୋଦିଜୀ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଉପରେ କାର୍ଯ୍ୟ କରୁଛନ୍ତି । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷକଙ୍କ ସାମୁହିକ ବିକାଶ ପାଇଁ ବଦ୍ଧପରିକର । ରାଜ୍ୟର ସମସ୍ତ କୃଷକ ଯେପରି କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇପାରିବେ ସେନେଇ ସେମାନଙ୍କୁ ଅବଗତ କରାଇବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି । ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ବୈଠକରେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନଙ୍କ ମାର୍ଗଦର୍ଶନ କରିଥିଲେ । ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ପରିବର୍ତ୍ତୀତ ପରିବେଶ ଯୋଗୁ ଚାଷ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ । ସାଂସଦ ଶ୍ରୀ ସୁକାନ୍ତ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି, କୃଷକସଶକ୍ତିକରଣ ଉପରେ ବିଭିନ୍ନ ଯୋଜନା ଓ ତାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଶ୍ରୀ ଶିବାଜୀ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ସମେତ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ସଭାପତି ଏବଂ ସାଧାରଣ ସମ୍ପାଦକମାନେ ଉପସ୍ଥିତ ଥିଲେ ।

# ଉଦାହରଣ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ରାଉରକେଲା,୧୩/୭(ନି/ପ୍ର): ସହିଦ୍ ମାନଙ୍କ ପ୍ରତି ସମର୍ପିତ ଥିବା ସାମାଜିକ ଅନୁଷ୍ଠାନ ଉଦାହରଣ ଟ୍ରଷ୍ଟ ପକ୍ଷରୁ ସେକ୍ଟର ୧ ସ୍ଥିତ ଡିଭାଇନ ଲାଇଫ ଏକାଡେମୀ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରାକ୍ତନ ସିଆରପିଏଫ ଡିଆଇଜି ଦୟାନିଧି ତନ୍ତୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଶଙ୍କର ଜେନା ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ। ଅତିଥି ଓ ସଦସ୍ୟ ମାନେ ବୃକ୍ଷ ରୋପଣ ର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟ ପକ୍ଷରୁ ରୋହିତ କୁମାର ମହାନନ୍ଦିଆ, ଇଂ ବିମଳ କୁମାର ବିଶି, ଚନ୍ଦ୍ରଶେଖର ଶତପଥୀ, ଅସୀମ କୁମାର ସାବତ,ଡ ହୃଷିକେଶ ନାଏକ,ଉଷଦ ତନ୍ତୀ, କୁଞ୍ଜବିହାରୀ ରାଉତ, ସଞ୍ଜୟ ପ୍ରଧାନ, ସରୋଜ ପାତ୍ର, ବିଦ୍ୟାଳୟ ତରଫରୁ ବାବାଜୀ ଦାସ, ଚନ୍ଦନ, ସତ୍ୟଜିତ,ଭବେଶ,ଶୁଭମ, ସାହିଲ, ଥନ୍ମୟ,ପ୍ରତ୍ୟୁଷ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ ସହ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ହର୍ଦଲି ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ଜୟପୁର,୧୩/୭(ନି/ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହର୍ଦଲି ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ସାହୁଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ଆମ୍ବ, ପଣସ, କରଞ୍ଜ, ବେଲ ଓ ଲିମ୍ବ ଭଳି ବିଭିନ୍ନ ଫଳଜ ଏବଂ ଔଷଧୀୟ ବୃକ୍ଷର ଚାରା ରୋପଣ କରାଯାଇଥିଲା ।କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା, ବନ ସମ୍ପଦର ସଂରକ୍ଷଣ ଏବଂ ଅଧିକରୁ ଅଧିକ ଗଛ ଲଗାଇ ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଥିଲା ।ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ଗଛ ହେଉଛି ଜୀବନର ଆଧାର। ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଆଗାମୀ ପିଢ଼ି ପାଇଁ ସୁସ୍ଥ ଓ ସବୁଜ ପରିବେଶ ଗଢ଼ି ତୋଳିବାରେ ବୃକ୍ଷରୋପଣର ଭୂମିକା ଅପରିହାର୍ଯ୍ୟ। ଶେଷରେ ରୋପଣ କରାଯାଇଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ନେବା ସହ ସେଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

# ପ୍ରଥମ ତ୍ରୈମାସିକ ରପ୍ତାନି ୩୬,୦୩୩ ଟନରେ ପହଚିଂବା ସହ ସେଲ୍, ଆରଏସପିର ବିଶ୍ୱସ୍ତରୀୟ ପହଚଂ ସୁଦୃଢ଼



ରାଉରକେଲା,୧୩/୭(ନି/ପ୍ର) :ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ମୁଖ୍ୟତଃ ନିୟୁ ପ୍ଲେଟ୍ ମିଲ୍ ର ସନ୍ତୁଳିତ ଉତ୍ପାଦନ ଏବଂ ଏକ ସୁଚିନ୍ତିତ ରପ୍ତାନି ଚାଲାଣ ରଣନୀତି ଯୋଗୁଁ ଚଳିତ ଆର୍ଥିକ ବର୍ଷର ଜୁନ୍ ମାସ ଏବଂ ପ୍ରଥମ ତ୍ରୈମାସିକକୁ ଏକାଧିକ ଉତ୍ସାହଜନକ କାର୍ଯ୍ୟ ଓ ବାଣିଜ୍ୟିକ ସଫଳତା ସହ ଶେଷ କରିଛି। ଜୁନ୍ ମାସରେ, ନିୟୁ ପ୍ଲେଟ୍ ମିଲ୍ ବିଦେଶୀ ଗ୍ରାହକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସଠିକ୍ ପରିମାଣକୁ ପୂରଣ କରି ସମୁଦାୟ ୧୪,୧୪୪ ଟନର ରପ୍ତାନି ହାସଲ କରିଛି। ଏପ୍ରିଲ୍-ଜୁନ୍ ତ୍ରୈମାସିକ ପାଇଁ ନିୟୁ ପ୍ଲେଟ୍ ମିଲ୍‌ରୁ ପ୍ଲେଟ୍ ରପ୍ତାନି ୨୬,୮୧୧ ଟନରେ ପହଚିଂଥିବା ବେଳେ ଏହି ତ୍ରୈମାସିକ ମଧ୍ୟରେ ଏଚ୍ଆର କଏଲ୍ ରପ୍ତାନି ୮,୩୧୩ ଟନ୍ ଏବଂ ଏଚ୍ ?ଆର ପ୍ଲେଟ୍ ରପ୍ତାନି ୯୦୯ ଟନ୍ ରହିଥିଲା। ପ୍ରଥମ ତ୍ରୈମାସିକ ପାଇଁ ସମୁଦାୟ ମିଳିତ ରପ୍ତାନି ପରିମାଣ ୩୬,୦୩୩ ଟନ୍ ଥିଲା, ଯାହା ଆନ୍ତର୍ଜାତୀୟ ବଜାରରେ ଆରଏସପିର ବଢୁଥିବା ଉପସ୍ଥିତିକୁ ପ୍ରତିପାଦିତ କରୁଛି। ଏହି ସଫଳତା ଆରଏସପିର ରପ୍ତାନି ଅର୍ଡର ପ୍ରେରଣକୁ ସର୍ବାଧିକ କରିବା ଏବଂ ଉଭୟ ଦେଶୀୟ ତଥା ଆନ୍ତର୍ଜାତୀୟ ଗ୍ରାହକଙ୍କ ସେବା ପାଇଁ ଉନ୍ନତ ଉତ୍ପାଦନ କ୍ଷମତାର ଉପଯୋଗ କରିବାର ସୁଚିନ୍ତିତ ନୀତିକୁ ପ୍ରତିଫଳିତ କରେ। ନିଶ୍ଚିତ ହୋଇଥିବା ଅର୍ଡରଗୁଡ଼ିକ ସହିତ ଉତ୍ପାଦନ ସୂଚୀକୁ ସମନ୍ୱିତ କରି ଏବଂ ସରଳୀକୃତ ସାମଗ୍ରୀ ପ୍ରବାହ ଓ ପରିବହନ ମାଧ୍ୟମରେ ପରିଚାଳନା ସମୟକୁ ହ୍ରାସ କରି, କାରଖାନା ବିତରଣର ବିଶ୍ୱସନୀୟତା ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ଉନ୍ନତି ଆଣିଛି। ସିଧାସଳଖ ଚାଲାଣ (ଡାଇରେକ୍ଟ ଡେସପାଚ୍) ମାର୍ଗ ଉପରେ ଗୁରୁତ୍ୱ ଦେବା ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ଗଚ୍ଛିତ ଜନିତ ପରିଚାଳନା ଆହୁରି ହ୍ରାସ ପାଇଛି, କାର୍ଯ୍ୟ ସମ୍ପାଦନ ସମୟ କମିଛି ଏବଂରେଳ ଡେମରେଜ୍ (ବିଳମ୍ବ ଶୁଳ୍କ) ର ବିପଦ ହ୍ରାସ ପାଇଛି, ଯାହା ଫଳରେ ସାମଗ୍ରିକ ଗ୍ରାହକ ସନ୍ତୋଷ ବୃଦ୍ଧି ପାଇଛି। ଆରଏସପିର ସୁଦୃଢ଼ ପ୍ରତ୍ୟକ୍ଷ- ଚାଲାଣ (ଡାଇରେକ୍ଟ-ଡେସପାଚ୍) ପ୍ରଦର୍ଶନ ମଧ୍ୟ ପ୍ରମୁଖ ଦେଶୀୟ କ୍ଷେତ୍ରଗୁଡିକୁ ନିରନ୍ତର ଏବଂ ବିଶ୍ୱସନୀୟ ଯୋଗାଣ ସୁନିଶ୍ଚିତ କରି ଭାରତୀୟ ଇସ୍ପାତ ବଜାରରେ ସେଲ୍ ର ନେତୃତ୍ୱ ସ୍ଥାନକୁ ଅଧିକ ମଜବୁତ କରୁଛି। ଏଥି ସହିତ, ବୃଦ୍ଧି ପାଉଥିବା ରପ୍ତାନି ପରିମାଣ କମ୍ପାନୀର ଗ୍ରାହକ ଭିତ୍ତିଭୂମିକୁ ବିବିଧ କରିବା ଏବଂ ପ୍ରାଥମିକତା ବିଶିଷ୍ଟ ବିଦେଶୀ ଗନ୍ତବ୍ୟ ସ୍ଥଳଗୁଡିକରେ ଚାହିଦା ପୂରଣ କରିବାର ରଣନୀତିକ ଉଦ୍ଦେଶ୍ୟକୁ ସହାୟତା କରୁଛି। ପ୍ରଥମ ତ୍ରୈମାସିକର ଏହି ସଫଳତାକୁ ଆଧାର କରି, ଆରଏସପି ଗ୍ରାହକ-କେନ୍ଦ୍ରୀତ ପ୍ରେରଣ ରଣନୀତିକୁ ପ୍ରାଥମିକତା ଦେବା, ନିଜର ରପ୍ତାନି ପହଚଂକୁ ସୁଦୃଢ଼ କରିବା ଏବଂ ଅର୍ଡର ପ୍ରତିଶ୍ରୁତି ପୂରଣ କରିବା ପାଇଁ ଉତ୍ପାଦନ ଶୃଙ୍ଖଳା ବଜାୟ ରଖିବା ଜାରି ରଖିବ।

# ଫରେଷ୍ଟ ଚାଲେଞ୍ଜର୍ସ କପ୍ ଚମ୍ପିଆନ ହେଲେ ମାଲକାନଗିରି ମାଷ୍ଟର୍ସ

ଜୟପୁର,୧୩/୭(ନି/ପ୍ର): କୋରାପୁଟ ଜିଲ୍ଲା ଜୟପୁର ସ୍ପୋର୍ଟ କମ୍ପ୍ଲେକ୍ସରେ ଫରେଷ୍ଟ ଚାଲେଞ୍ଜର୍ସ କପ ନିମନ୍ତେ ଫୁଟବଲ ମ୍ୟାଚ ଆଜି ଅନୁଷ୍ଠିତ ହୋଇଛି । କୋରାପୁଟ ମୁଖ୍ୟ ବନସଂରକ୍ଷକଙ୍କ ଅଧିନରେ ରହିଥିବା ପାଚଂଟି ବନଖଣ୍ଡର ୮ଟି ଦଳ ଚ୍ୟାଲେଞ୍ଜ କପରେ ଭାଗ ନେଇଥିଲେ । କୋରାପୁଟ ମୁଖ୍ୟ ବନ ସଂରକ୍ଷକ ମାଚର ଉଦଘାଟନ କରିଥିଲେ । ଏଥିରେ ପାଚଂଟି ବନଖଣ୍ଡର ଅଧିକାରୀ ମାନେ ଯୋଗ ଦେଇଥିଲେ । ଜୟପୁର ବନଖଣ୍ଡର ପ୍ରଶାନ୍ତ ପଟେଲ, ମାଲକାନଗିରିର ସାଇ କିରଣ ଡିଏନ, ରାୟଗଡାର ସଚିନ ଆନାସାହେବ ଓହାଲ, କୋରାପୁଟର ସିଦ୍ଧାର୍ଥ ଜୈନ ଏବଂ ନବରଙ୍ଗପୁର ବନଖଣ୍ଡର ଅଧିକାରୀ ଉଦୟ ସୁବୁଦ୍ଧି ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଗ୍ରୁପ ଏ ରେ ଥିବା ଜୟପୁର ରୟାଲ ସହ ନବରଙ୍ଗପୁର ଷ୍ଟ୍ରୋମ ଏବଂ ମାଲକାନଗିରି ସାଇ କିରଣ ଡିଏନ, ରାୟଗଡାର ସଚିନ ଆନାସାହେବ ଓହାଲ, କୋରାପୁଟର ସିଦ୍ଧାର୍ଥ ଜୈନ ଏବଂ ନବରଙ୍ଗପୁର ବନଖଣ୍ଡର ଅଧିକାରୀ ଉଦୟ ସୁବୁଦ୍ଧି ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଗ୍ରୁପ ଏ ରେ ଥିବା ଜୟପୁର ରୟାଲ ସହ ନବରଙ୍ଗପୁର ଷ୍ଟ୍ରୋମ ଏବଂ ମାଲକାନଗିରୀ ପେନ୍ଥର ସହ ରାୟଗଡା ଇଗଲର ମ୍ୟାଚ ଖେଳା ଯାଇଛି । ସେହିପରି ଗ୍ରୁପ ବିରେ ରହିଥିବା କୋରାପୁଟ ଲେଣ୍ଡର୍ସ ସହ ରାୟଗଡା ଡୁସକେର ଏବଂ ମାଲକାନଗରୀ ବ୍ୟୁରିଓର୍ସ ସହ ନବରଙ୍ଗପୁରର ରେପଟର୍ସ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥି ମଧ୍ୟରୁ ବିଜୟୀ ଦଳ ମାନେ ସେମିଫାଇନଲକୁ ଉତୀର୍ଣ୍ଣ ହୋଇଥିଲେ । ସେମିଫାଇନାଲରେ ଜୟପୁର ରୟାଲ ସହ ମାଲକାନଗିରୀ ମାଷ୍ଟର୍ସ ଏବଂ ଦ୍ୱିତୀୟ ସମିଫାଇନାଲରେ ନବରଙ୍ଗପୁର ନବରଙ୍ଗପୁର ରେପଟର୍ସ ସହ କୋରାପୁଟ ହାଇଲେଣ୍ଡର୍ସ ମୁହାଁମୁହିଁ ହୋଇଥିଲେ । ଦୁଇ ବିଜେତା ମାଲକାନଗିରୀ ମାଷ୍ଟର୍ସ ଓ କୋରାପୁଟ ହାଇଲେଣ୍ଡର୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ତେବେ ସେମାନଂକର ଫାଇନାଲର ସମୟ ସୀମା ମଧ୍ୟରେ ଉଭୟ ଦଳ ୧-୧ ଗୋଲ ଦେଇଥିଲେ । ଶେଷରେ ପେନାଲ୍ଟି ସୁଟ ଆଉଟ ନିମନ୍ତେ ରେଫେରୀ ଘୋଷଣା କରିଥିଲେ । ପେନାଲ୍ଟିରେ କୋରାପୁଟ ୪ଟି ଗୋଲ କରିଥିବା ବେଳେ ମାଲକାନଗିରି ଦଳ ୫ଟି ଗୋଲ ଦେଇ ବିଜୟୀ ହୋଇଥିଲେ । ବିଜେତାଙ୍କୁ କୋରାପୁଟ ମୁଖ୍ୟ ମୁଖ୍ୟ ବନସଂରକ୍ଷକ ଟ୍ରଫି ପ୍ରଦାନ କରିଥିଲେ । ଏଥି ସହ ମ୍ୟାଚରେ ବେଷ୍ଟ ଗୋଲକିପର ସୁରଜ ଦାଶ, ବେଷ୍ଟ ଡିଫେଣ୍ଡର ସୁଶାନ୍ତ ବଡଜେନା, ବେଷ୍ଟ ମିଡଫିଲ୍ଡର ଅଭୟ ବେପାରୀ, ବେଷ୍ଟ ଫରବାଡ ଜଗୁ ଖୋରାଙ୍କ ସମେତ ଟୁର୍ନାମେଂଟର ଶ୍ରେଷ୍ଠ ଖେଳାଳୀ ଭାବେ ଚୟନ କରାଯାଇଥିବା ତପନ ସାହାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ତେବେ ଟୁର୍ନାମେଂଟରେ ଫୁଟବଲ ଏସୋସିଏସନ ଅଫ ଓଡିଶାର ରେଫେରୀ ପି ଏସ କେ ବର୍ମା, ସନ୍ଦିପ କୁମାର ଗଡନାୟକ, ଅମିତି କୁମାର ସାଇଁ, ବିପୁଲ କୁମାର ବିଦ୍ୟାଧର, ଆର ସାହୁ ଏବଂ ସୁରଜ କୁମାର ଦାଶ ଉପସ୍ଥିତ ରହି ମ୍ୟାଚ ପରିଚାଳନା କରିଥିଲେ । କୋରାପୁଟ ବନ ବିଭାଗର ସର୍କଲରେ ଆୟୋଜିତ ଟୁର୍ନାମେଂଟରେ ଭଲ ଖେଳ ପ୍ରଦର୍ଶନ କରିଥିବା ୨୦ ଜଣ ଖେଳାଳୀଙ୍କୁ ନେଇ ଏକ ଦଳ ଗଠନ କରାଯିବ । ଆସନ୍ତା ଦିନରେ ବନ ବିଭାଗର ଏହି ଦଳ ଅନ୍ୟ ବିଭାଗ ଯଥା ପୁଲିସ ଓ ବିଏସଏଫ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟ ବନସଂରକ୍ଷକ ସୂଚନା ଦେଇଛନ୍ତି ।

# ସୁନାଫୁଲ ପକ୍ଷରୁ ପତ୍ରିକା ଲୋକାର୍ପଣ ଓ ଭକ୍ତି ସାହିତ୍ୟ ଆସର

## ଅସନ୍ତୁଳିତ ପାଣିପାଗ ଓ ଜଳବାୟୁର ସୁଧାର ମାନବଜାତି ପାଇଁ ଏକ ଆହ୍ୱାନ



ରାଉରକେଲା,୧୩/୭(ନି/ପ୍ର): ପ୍ରକୃତି ପରିବେଶର ସୁରକ୍ଷା ତଥା ସମଗ୍ର ଜୀବଜଗତର ରକ୍ଷାକର୍ତ୍ତା ହେଉଛି ବୃକ୍ଷ । ବୃକ୍ଷ ବିନା ସମଗ୍ର ଜୀବଜଗତ ତିଷ୍ଠିବା ଅସମ୍ଭବ । ହିନ୍ଦୁ ଶାସ୍ତ୍ରରେ ବିଭିନ୍ନ ବୃକ୍ଷକୁ ଦେବତା ଭାବେ ପୂଜାକରାଯାଏ ବୋଲି ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସାହିତ୍ୟ ଆସରରେ ବକ୍ତାମାନେ ମତ ପୋଷଣ କରିଛନ୍ତି । ସୁନ୍ଦରଗଡ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସୁନାଫୁଲ ସାହିତ୍ୟ ସଂସଦ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ସାରସ୍ୱତ ମହୋତ୍ସବରେ ବକ୍ତାମାନେ ମତ ପୋଷଣ କରିଛନ୍ତି। ସଂସଦର ସଭାପତି ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାନପୋଷସ୍ଥ କାଳୀମନ୍ଦିର ପରିସରରେ ଅନୁଷ୍ଠିତ ସାରସ୍ୱତ ଆସରରେ ମୁଖ୍ୟ ଅତିଥି ତଥା ପ୍ରାକ୍ତନ ଉପ ଜିଲ୍ଲାପାଳ ମହେନ୍ଦ୍ର କୁମାର ପଟନାୟକ 'ମୋ ଅନୁଭୂତିରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ' ଶୀର୍ଷକରେ ବକ୍ତବ୍ୟ ରଖିଥିଲେଯେ , ହିନ୍ଦୁ ଧର୍ମ ମତାନୁସାରେ ବରଗଛ ବା ବଟ ବୃକ୍ଷରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବାସକରନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିମ୍ବ ଦାରୁରେ ନିର୍ମିତ । ଏଣୁ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କୁ ଦାରୁଦିଅଁ କୁହାଯାଏ । ବୃକ୍ଷ ଦେବତାଙ୍କ ବିନା ଏ ସୃଷ୍ଟି ତିଷ୍ଠିବା ଅସମ୍ଭବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ତଥା ମୁନିସପାଲ ମହା ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ ଯେ, ବର୍ତ୍ତମାନ ସମାଜ ପାଇଁ ପରିବେଶ ସୁରକ୍ଷା ଏକ ବଡ ଆହ୍ୱାନ ପାଲଟିଛି । ଅସନ୍ତୁଳିତ ପାଣିପାଗ ଓ ଜଳବାୟୁର ସୁଧାର ଆଣିବାକୁ ଗୋଟିଏ ଗଛ ବଦଳରେ ଅତିକମରେ ଦଶଟି ଗଛ ଲଗାଇବାକୁ ପଡିବ ବୋଲି କହିଥିଲେ। ଏହି ଅବସରରେ ସମ୍ମାନନୀୟ ଅତିଥି ଭାବେ ସୁଦାମ ଚରଣ ଦାଶ,ନୃସିଂହ ଚରଣ ବିଶ୍ୱାଳ, ସମାଜସେବୀ ପ୍ରୀତମ ପଟନାୟକ , ସଙ୍ଗୀତ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ପ୍ରମୁଖ ସୁନାଫୁଲ ସାହିତ୍ୟ ସଂସଦ ବୃକ୍ଷରୋପଣ ସହ ପରିବେଶ ସମ୍ବନ୍ଧୀୟ ଆଲୋଚନାମାନ କରି ପାରିବେଶିକ ସଚେତନତା ସୃଷ୍ଟି କରୁଥିବାରୁ ଧନ୍ୟବାଦର ପାତ୍ର ବୋଲି ବକ୍ତବ୍ୟ ରଖିଥିଲେ । ଅତିଥିମାନଙ୍କ ଦ୍ୱାରା 'ଟିକିଟିକି ସୁନାଫୁଲ' ଶିଶୁ କିଶୋର ପତ୍ରିକାର ରଥଯାତ୍ରା ସଂଖ୍ୟା ଲୋକାର୍ପଣ ପୂର୍ବକ କବି ସୁଷମା ପଟେଲ ପତ୍ରିକାର ଆତ୍ମିକ ଓ ଆଙ୍ଗିକ ଦିଗ ପ୍ରତି ଆଲୋଚନା କରିଥିଲେ । । ସାଧାରଣ ସମ୍ପାଦକ ସୁନୀଲ କୁମାର ମହାନ୍ତି ସମ୍ପାଦକୀୟରେ କହିଥିଲେ ଯେ, ସୁନାଫୁଲ ପାଚଂଟି ଯଜ୍ଞ କାର୍ଯ୍ୟ ଯଥା, ବ୍ରହ୍ମଯଜ୍ଞ, ପିତୃଯଜ୍ଞ, ଦେବଯଜ୍ଞ, ବଳିବୈଶ୍ୱ ଯଜ୍ଞ ଓ ଅତିଥି ଯଜ୍ଞ କରି ଆସୁଛି। ସୁନାଫୁଲର ସାହିତ୍ୟ , ସଙ୍ଗୀତ, କଳାକୃତିର ସର୍ଜନା ହିଁ ତାର ଅସଲ ବିଶେଷତ୍ୱ। । ସଂସ୍କୃତି ସମ୍ପାଦିକା ନିରୂପମା ପତି ଓ ସଙ୍ଗଠନ ସମ୍ପାଦକ ବ୍ରହ୍ମାନନ୍ଦ ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ଅମଳେଶ ତ୍ରିପାଠୀ, ବିଜୟଲକ୍ଷ୍ମୀ ପଟନାୟକ, ସୁକାନ୍ତି ନାଏକ, ସୁସ୍ମିତା ଦଳାଇ,ଡ. ସୁବାସ ଲେଙ୍କା , ପ୍ରମୋଦ ମହାପାତ୍ର, ଯତୀନ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ସହେଯାଗ କରିଥିଲେ। ସଙ୍ଗୀତ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ, ଗଜେନ୍ଦ୍ର ମୁର୍ମୁ ପ୍ରମୁଖ ଆବାହନୀ ସଙ୍ଗୀତ ଓ ପ୍ରଦୀପ ପ୍ରଜ୍ୱଳନ ମନ୍ତ୍ର ପାଠ ଓ ସୌମ୍ୟାଶିବାନ୍ତିକା ପଟେଲ ମାହାରୀ ନୃତ୍ୟ ପରିବେଷଣ କରିଥିବାବେଳେ କବୟିତ୍ରୀ ଜୀବେଶ୍ୱରୀ ପଟେଲ ଓ ବିଜୟଲକ୍ଷ୍ମୀ ପଟନାୟକଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟବ୍ରତ ଦାସ, ଅଶୋକ ପଟନାୟକ , ତାରିଣୀ ଚରଣ ସାହୁ , ନିକୁଞ୍ଜ ବିହାରୀ ଦାଶ , ଅଜିତ କୁମାର ବେହୁରା, ନିରୂପମା ନାୟକ , ବିନତା ପଟେଲ, ଭୀମସେନ ସାହୁ , ବ୍ରହ୍ମାନନ୍ଦ ପାଢୀ, ପୁଲିନ ରାଉତରାୟ ପ୍ରମୁଖ ତିରିଶରୁ ଅଧିକ କବି କବିତା ପାଠ କରିଥିଲେ। ସମାଜସେବୀ ପ୍ରୀତମ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।